AMARISATYA ଆମରିସତ୍ୟ
Estd.: 2006
ODISHA

ମାସିକ ଇ-ପତ୍ରିକା

# ଆମ କବିତା

❖ ତୃତୀୟ ବର୍ଷ
❖ ଚତୁର୍ଥ-ପଞ୍ଚମ ସଂଖ୍ୟା
❖ ଅପ୍ରେଲ-ମଇ ୨୦୨୪



# ଆମ କବିତା

ତୃତୀୟ ବର୍ଷ ❖ ଚତୁର୍ଥ-ପଞ୍ଚମ ସଂଖ୍ୟା ❖ ଅପ୍ରେଲ-ମଇ ୨୦୨୪

**ମାର୍ଗଦର୍ଶକ**

**ଡ. ପ୍ରମୋଦ ଚନ୍ଦ୍ର ଦାଶ**

**ସମ୍ପାଦକ**

**ନିଶିକାନ୍ତ କହଲସିଂହ**

**ଉପଦେଷ୍ଟା ମଣ୍ଡଳୀ**

ସମରଜିତ ପଟ୍ଟନାୟକ

ବାବାଜୀ ଚରଣ ଜେନା

ବିଭୁପ୍ରସାଦ ହରିଚନ୍ଦନ

**ସହଯୋଗୀ ସମ୍ପାଦକ ମଣ୍ଡଳୀ**

ତ୍ରିଲୋଚନ ଦାସ

ରଶ୍ମିତା ନାୟକ

ବାସନ୍ତୀ ଦେଈ

**ପ୍ରଚ୍ଛଦ ଓ ଅଙ୍ଗସଜ୍ଜା**

ରାଜୀବ ରଥ

ପ୍ରୀତମ ବଳିୟାରସିଂହ

**ଆମରି ସତ୍ୟ**

ଏମ-୧/୫, ମୁକୁନ୍ଦପ୍ରସାଦ ହାଉସିଂ ବୋର୍ଡ କଲୋନୀ, ପୋଷ୍ଟ: ପି ଏନ କଲେଜ, ଖୋର୍ଦ୍ଧା - ୭୫୨୦୫୭, ଓଡ଼ିଶା

ଯୋଗାଯୋଗ : ମୋ : ୯୪୩୭୨୮୧୬୫୫, **email : amarisatya@gmail.com**

ଆମ କବିତା

# ସମ୍ପାଦକୀୟ

ଅପ୍ରେଲ-ମଇ
୨୦୨୪

ଉପରକୁ ଉପରକୁ ଉଠୁଛି ପାରଦ
ଭାଙ୍ଗି ଚାଲିଛି ନିଜର ରେକର୍ଡ
ଅବିଶ୍ରାନ୍ତ ଭାବରେ.........,
ଏଠି-ସେଠି-ସବୁଠି..........
ଖାଲି ନିଆଁ......ଆଉ......ନିଆଁ......
ଭୀଷଣ ତାତି ପୃଥିବୀ ଦେହରେ
ସତେ ଅବା ଜରରେ କମ୍ପୁଛି ପୃଥିବୀ...... ।

ଘରେ ନିଆଁ........ବାହାରେ ନିଆଁ.......
ଆକାଶରୁ ଝରୁଛି ନିଆଁ
ପବନରେ ବହୁଛି ନିଆଁ
କୋଉଠି କେଜାଣି ଥିଲା ଏ ନିଆଁ. ..........
ଦାଉ ସାଧୁଛି ବାଦ କରି
ଥମିବାର କି କମିବାର ନାଆଁ ଧରୁନି ଟିକେ.......
ଭୁବନେଶ୍ୱରରୁ.........ଭବାନୀପାଟଣା.......
ବାଲେଶ୍ୱରରୁ..........ବାରିପଦା..........
କଟକରୁ..........କୋରାପୁଟ..........
ଖୋର୍ଦ୍ଧାରୁ...........ଖଡ଼ିଆଳ..........
ଆଉ ତାଳଚେରରୁ..........ଟିଟିଲାଗଡ଼.........
ସବୁଠି ଖୋଲିଛି ଖରାର ଖତିଆନ......... ।

ଜଳୁଛି ଶିମିଳିପାଳ.......ଜଳୁଛି ଚନ୍ଦକା......
ଜଳୁଛି ଅରାଙ୍ଗ ଜଙ୍ଗଲ........ଆଉ ଦଶପଲା ବନାଞ୍ଚଳ......
ଜଳୁଛି ଚିତ୍ରକୋଣ୍ଡା........ଜଳୁଛି କର୍ଲାପାଟ........
ଜଳୁଛି ହେମଗିରି.......ଜଳୁଛି ରାମଗିରି........
ଜଳୁଛି ବାଲୁଖଣ୍ଡ ଅଭୟାରଣ୍ୟ..........
ଜଳୁଛି ବି ନାଗାବାଲୀ ସଂରକ୍ଷିତ ଜଙ୍ଗଲ.........

ବାଦ୍ ପଡ଼ିଲାନି ବି.......
ମରାଳମାଳିନୀ ନୀଳାମ୍ବୁ ଚିଲିକା
ସିଏ ବି ଜଳିଲା ହୁତୁହୁତୁ ହୋଇ.....
ବଣରୁ.......ନଳବଣ...........
ସବୁଠି ସର୍ବଗ୍ରାସୀ ନିଆଁର କିମିଆ.....
ସତରେ କୋଉଠି ଥିଲା ଏ
ରଇଜଳା ନିଆଁ.......?
ପୋଡ଼ିଯାଉଛି ଜଙ୍ଗଲ.........
ପୋଡ଼ିଯାଉଛି ମଣିଷର ମନ.....
ସନ୍ତୁଳି ହେଉଛନ୍ତି ଜନ୍ତୁ........
ଦହଗଞ୍ଜ ହେଉଛି ଜୀବନ........,

ତା' ସାଥିରେ ପୁଣି ମିଶିଯାଉଛି
ଧାର୍ମିକ ଶୋଭାଯାତ୍ରାରେ ଦଙ୍ଗାର ଉଷ୍ମତା,
ସର୍ବୋପରି.....ମିଶିଯାଉଛି.......
ନିର୍ବାଚନ ପ୍ରଚାରର ଉଷ୍ମତା.......
ମିଛ......ମିଛ.....ମିଠା......ମିଠା.....
ପ୍ରତିଶ୍ରୁତିର ଉଷ୍ମତା..........
ଏ ଉଷ୍ମତା ସେ ଉଷ୍ମତାଠାରୁ
କାହିଁ କେତେ ଅଧିକ...........
ବିଚରା ମଣିଷ........!
ଆକଣ୍ଠ ପାନ କରିବାକୁ ସେଇ ଉଷ୍ମତାକୁ
ଯେତେଯେତେ ହୁଏ ଧାବମାନ........
ଯେତେଯେତେ କରେ
ନିଆଁ ପାଖରେ ଆତ୍ମସମର୍ପଣ.........
ସେତେସେତେ ବଢ଼ିଚାଲେ
ଏ ନିଆଁଲଗା ନିଆଁର ନିର୍ଦ୍ଦୟପଣ ।

| କ୍ର.ସଂ. | କବିତା | କବି/କବୟିତ୍ରୀ | ପୃଷ୍ଠା |
|---|---|---|---|
| ୧. | ବୈରାଗ୍ୟ ପାଲିଙ୍କି | ମନୋଜ ପଟ୍ଟନାୟକ | ୭ |
| ୨. | ନିଦାଘ ପ୍ରୀତି | ରମେଶ ମଙ୍ଗରାଜ | ୮ |
| ୩. | ଛାତିରେ ମୋହର ଜଳେ ବଇଶାଖୀ | ସୁରଞ୍ଜନ ପାତ୍ର | ୯ |
| ୪. | ନିଦାଘ | ଛବିରାଣୀ ପତି | ୧୦ |
| ୫ | ନିଦାଘ | ତାରାପ୍ରସାଦ ଜେନା | ୧୧ |
| ୬. | ନିଦାଘ | ପଙ୍କଜିନୀ ଉପାଧ୍ୟାୟ | ୧୨ |
| ୭. | ଆଶାର ନିଦାଘ | ସୌଦାମିନୀ ସାହୁ | ୧୩ |
| ୮. | ଖାସ୍ ତୁମ ପାଇଁ.. କିଛି ନିଦାଘ କବିତା | ସୁମିତା ବେହେରା ବାପି | ୧୪ |
| ୯. | ନିଦାଘ | ସ୍ୱର୍ଣ୍ଣଲତା ମହାପାତ୍ର | ୧୫ |
| ୧୦. | ନିଦାଘର ଅଭିମାନ | କବିତା ନାୟକ | ୧୬ |
| ୧୧. | ନିଦାଘ | ଚପଳା ପଣ୍ଡା | ୧୭ |
| ୧୨. | ନିଦାଘ | ଅଶେଷ ଲୋଚନ ଆଚାର୍ଯ୍ୟ | ୧୮ |
| ୧୩. | ନିଦାଘର ନିଆଁ | ପ୍ରଶାନ୍ତ କୁମାର ଦାଶ | ୧୯ |
| ୧୪. | ନିଦାଘ | ଚନ୍ଦ୍ରକଳା ଦେବୀ | ୨୦ |
| ୧୫. | ନିଦାଘ | ନଳିନୀ ପ୍ରଭା ମିଶ୍ର | ୨୧ |
| ୧୬. | ନିଦାଘ | ଡ. ସନ୍ତୋଷ କୁମାର ପଣ୍ଡା | ୨୨ |
| ୧୭. | ନିଦାଘ | ସୂର୍ଯ୍ୟକାନ୍ତି ଦାଶ | ୨୩ |
| ୧୮. | ଦାରୁଣ ନିଦାଘ | ପ୍ରତିମା ମହାରଣା | ୨୪ |
| ୧୯. | ନିଦାଘର ସ୍ୱର | ଆରତୀ ପ୍ରହରାଜ | ୨୫ |
| ୨୦. | ନିଦାଘର ଦୃଶ୍ୟ | ସଂଯୁକ୍ତା ଚମ୍ପତିରାୟ | ୨୬ |
| ୨୧. | ନିଦାଘ | ଜ୍ୟୋତିପ୍ରଭା ପଟ୍ଟନାୟକ | ୨୭ |
| ୨୨. | ନିଦାଘ | ବୀଣାପାଣି ଦେବୀ | ୨୮ |
| ୨୩. | ଗ୍ରୀଷ୍ମ ପ୍ରବାହ | କାହ୍ନୁ ଚରଣ ମିଶ୍ର | ୨୯ |
| ୨୪. | ନିଦାଘ | ବନ୍ଦନା ମହାପାତ୍ର | ୩୦ |
| ୨୫. | ନିଦାଘ | ବିଷ୍ଣୁପ୍ରିୟା ପ୍ରତାପସିଂହ | ୩୧ |

| କ୍ର.ସଂ. | କବିତା | କବି/କବୟିତ୍ରୀ | ପୃଷ୍ଠା |
|---|---|---|---|
| ୨୬. | ନିଦାଘରେ ଧରା | ସ୍ୱପ୍ନାରାଣୀ ପାଣିଗ୍ରାହୀ | ୩୨ |
| ୨୭. | ନିଦାଘ | ସନ୍ତୋଷିନୀ ଦାଶ | ୩୩ |
| ୨୮. | ନିଦାଘ | ପୁଷ୍ପାଞ୍ଜଳି ପଣ୍ଡା | ୩୪ |
| ୨୯. | ନିଦାଘ | ବିଳାସିନୀ ଦାଶ | ୩୫ |
| ୩୦. | ଅସହ୍ୟ ନିଦାଘ | ନିରୁପମା ପାଣି | ୩୬ |
| ୩୧. | ପ୍ରଚଣ୍ଡ ନିଦାଘେ ଉତ୍ତପ୍ତ ଧରଣୀ | ବାସନ୍ତୀ ଦେଈ | ୩୭ |
| ୩୨. | ନିଦାଘ | କଳ୍ପନା ମିଶ୍ର | ୩୮ |
| ୩୩. | ନିର୍ଦ୍ଦୟ ନିଦାଘ | ସୀମା ମେହେର | ୩୯ |
| ୩୪. | ନିଦାଘ | ସୁରାତ୍ରୀ ପ୍ରଧାନ | ୪୦ |
| ୩୫. | ତପ୍ତ ବଇଶାଖ | ଜ୍ୟୋତ୍ସ୍ନା ପଟ୍ଟନାୟକ | ୪୧ |
| ୩୬. | ନିଦାଘ | ନଳିନୀ ପ୍ରଭା ଦାସ | ୪୨ |
| ୩୭. | ନିଦାଘ | ଅତସୀ ପ୍ରଧାନ | ୪୩ |
| ୩୮. | ରୌଦ୍ର ସୋହାଗୀ | ଆରତି ମଞ୍ଜରୀ ଦାଶ | ୪୪ |
| ୩୯. | ନିଷ୍ଠୁର ନିଦାଘ | ସସ୍ମିତା ବାରିକ | ୪୫ |
| ୪୦. | ନିଦାଘ | ବିଶ୍ୱନାଥ କର | ୪୬ |
| ୪୧. | କରିବା ବୃକ୍ଷରୋପଣ | ଜୟଶ୍ରୀ ପଟ୍ଟନାୟକ | ୪୭ |
| ୪୨. | ଧାରାକୁ ଆସୁଛି ଖରା | ନରୋତ୍ତମ ବେହେରା | ୪୮ |
| ୪୩. | ନିଦାଘ | ବାସନ୍ତୀ ଦାସ | ୪୯ |
| ୪୪. | ନିଦାଘ | ଡକ୍ଟର ରଜତ କୁମାର ଷଡ଼ଙ୍ଗୀ | ୫୦ |
| ୪୫. | ନିଦାଘ | ଆରାଧନା ଦାଶ | ୫୧ |
| ୪୬. | ଉତ୍ତପ୍ତ ପୃଥିବୀ | ସାରଙ୍ଗଧର ଷଡ଼ଙ୍ଗୀ | ୫୨ |
| ୪୭. | ନିଦାଘ | ନିରଞ୍ଜନ ସାହୁ | ୫୩ |
| ୪୮. | ନିଦାଘ | ସତ୍ୟନାରାୟଣ ମଲ୍ଲିକ | ୫୪ |
| ୪୯. | ନିଦାଘ | ପ୍ରସନ୍ନ ମଣ୍ଡଳ | ୫୫ |
| ୫୦. | କୃଷ୍ଣଚୁଡ଼ା | ରତ୍ନପ୍ରଭା ବାଇ | ୫୬ |

ଆମ କବିତା


| କ୍ର.ସଂ. | କବିତା | କବି/କବୟିତ୍ରୀ | ପୃଷ୍ଠା |
|---|---|---|---|
| ୫୧. | ବଇଶାଖ ଲାଗେ ଏକ ମନଭୁଲା ଗୀତ | ଡ. ସୁଚିତ୍ରା ରଥ | ୫୭ |
| ୫୨. | ଖରା | ଆଲୋକ ପ୍ରଧାନ | ୫୮ |
| ୫୩. | ନିଦାଘ | ହାସ୍ୟମୟୀ ରାଜ୍ | ୫୯ |
| ୫୪. | ନିଦାଘ | ସୁକାନ୍ତି ମିଶ୍ର | ୬୦ |
| ୫୫. | ନିଦାଘ ଗୋ ତମେ | ବାବାଜୀ ଚରଣ ଜେନା | ୬୧ |
| ୫୬. | ନିଦାଘ ଓ ବିରହ | ଦିବାକର ନାୟକ | ୬୨ |
| ୫୭. | ଗ୍ରୀଷ୍ମ ସନ୍ଦେଶ | କମଳିନୀ ମଲ୍ଲିକ | ୬୩ |
| ୫୮. | ରୁକ୍ଷ ତାପସ | ରମେଶ ଚନ୍ଦ୍ର ମିଶ୍ର | ୬୪ |
| ୫୯. | ବେଦାଗ | ପ୍ରଜ୍ଞା ମହାନ୍ତି | ୬୫ |
| ୬୦. | ନିଦାଘ | ଜୟନ୍ତୀ ସ୍ୱାଇଁ | ୬୬ |
| ୬୧. | ଗ୍ରୀଷ୍ମର ଗଜଲ | ବିନୀତା ପ୍ରଧାନ | ୬୭ |
| ୬୨. | ନିଦାଘ | ସୁନନ୍ଦା ମହାନ୍ତି | ୬୮ |
| ୬୩. | ନିଦାଘ ପ୍ରତି | ସୁଲୋଚନା ସ୍ୱାଇଁ | ୬୯ |
| ୬୪. | ନିଦାଘ | ସଂଯୁକ୍ତା ମହାପାତ୍ର | ୭୦ |
| ୬୫. | ଦାରୁଣ ନ ହେବ ଆଉ ନିଦାଘ | ଅକ୍ଷୟ କୁମାର ସାହୁ | ୭୧ |
| ୬୬. | ନିଦାଘ | ରଶ୍ମିତା ମହାରଥୀ | ୭୨ |
| ୬୭. | ନିଦାଘ ଓ ଜନ ସଚେତନତା | ଜିତେନ୍ଦ୍ର କୁମାର ନାୟକ | ୭୩ |
| ୬୮. | ନିଷ୍ଠୁର ନିଦାଘ | ଶୁଭଶ୍ରୀ ରାଉତ | ୭୪ |
| ୬୯. | ବିଷମ ଗ୍ରୀଷ୍ମରେ | ବୈଦ୍ୟନାଥ ଖିଲାର | ୭୫ |
| ୭୦. | ଖରା | ପୂର୍ଣ୍ଣ ଦାସ | ୭୬ |
| ୭୧. | ନିଦାଘ ଛାଇ | ଆଶୁତୋଷ ମେହେର | ୭୭ |

# ବୈରାଗ୍ୟ ପାଲିଙ୍କି

**ମନୋଜ ପଟ୍ଟନାୟକ**



ନିଦାଘ ଝରାଏ ହସର ନିର୍ଝର କୃଷ୍ଣଚୂଡ଼ା ରଙ୍ଗ ପର୍ବରୁ
ନିଦାଘ ଫୁଟାଏ ଖୁସିର କମଳ ଗ୍ରୀଷ୍ମର ଉଦୟ ଗର୍ଭରୁ।
ନିଦାଘ ଜଳାଏ ଗାଆଁଠୁ ସହର ଉଦ୍ଧତ ତାତିର ଜ୍ୱାଳାରେ
ନିଦାଘ ଭିଜାଏ ମନର କ୍ଷେତକୁ ଉନ୍ମତ୍ତ ବୈଶାଖୀ ବର୍ଷାରେ।।

ନିଦାଘ ଖେଳାଏ ଅଝଟ ମହକ ଚହଟ ମଲ୍ଲୀର ଦେହରେ
ନିଦାଘ ଶୁଣାଏ ଉଷ୍ଣମ୍ ରାଗିଣୀ ବଉଳ ସଞ୍ଜର ଗୀତରେ ।
ନିଦାଘ ଦେଖାଏ ଅୟୁତେ ସପନ ରଜନୀଗନ୍ଧାର ବାସ୍ନାରେ
ନିଦାଘ ଚିଡ଼ାଏ ବହଳ ରାତିକୁ ଅପୂର୍ଣ୍ଣ ନିଦର ତୃଷ୍ଣାରେ ।।

ନିଦାଘ ଜଣାଏ ଜଳନ କାହାଣୀ ଅସହ କୁହୁଳା ଦୃଶ୍ୟରେ
ନିଦାଘ ଘୋଡ଼ାଏ ରୂପସୀ ଧରାକୁ ଅଭୁଲା ଝଡ଼ର ସ୍ପର୍ଶରେ ।
ନିଦାଘ ସଜାଏ ବୈରାଗ୍ୟ ପାଲିଙ୍କି ଅସୀମ ଆଶ୍ୱସ୍ତି ଉହ୍ମରେ
ନିଦାଘ ବୁଝାଏ ନିଜର ଦାଉକୁ ଅସୁଖୀ ବିଳାପ କୁହୁରେ ।।

ନିଦାଘ ଆସେ ତ ସ୍ୱର୍ଦ୍ଧିତ ଢଙ୍ଗରେ ଋତୁର ଆରମ୍ଭ ଯାତ୍ରାରେ
ନିଦାଘ କହେ ତ ହର୍ଷିତ ମୁଦ୍ରାରେ ଛନ୍ଦା ସେ' ଋତୁର ଚକ୍ରରେ ।।

'ଆଶ୍ରୟ'
ପ୍ଲଟ୍ ନଂ--ଡି/୯୯, ସେକ୍ଟର-୭
ମର୍କତନଗର, କଟକ

# ନିଦାଘ ପ୍ରୀତି



**ରମେଶ ମଙ୍ଗରାଜ**

ଝାଞ୍ଜି ଖରା ଝାଞ୍ଜ ପିଟେ
ମୋ' ଘରର ଝରକା ଆରପାଖେ
ନିଦାଘର ପ୍ରୀତି ମାଖି
ତୋ' ପାଇଁକି କବିତା ମୁଁ ଲେଖେ ।୧।

କବିତାରେ ଭୋକ ମେଣ୍ଟେ
ଖରାବେଳ ଶୋଷ ଯାଏ ମରି
ସବୁ କିଛି ତୋ' ପାଇଁ
ଆଗୋ ମୋ'ର ଅଳକା ସୁନ୍ଦରୀ ।୨।

ଦିନେ ତୁହି ଆସୁଥିଲୁ
ଖଇଫୁଟା ମଧ୍ୟାହ୍ନ ଲଗନେ
ମୋ' ଘର ଚମକି ଥିଲା
ତୋ' ଓଠର ଉଷୁମ୍ ଚୁମ୍ବନେ ।୩।

ଆଜି ମୁଁ ଖୋଜୁଛି ତୋତେ
ସେଇ ଘରେ ନିଦାଘ ବେଳାରେ
ବିଶ୍ୱାସ, ଫେରିବୁ ତୁହି
ଅଛି ମୁହିଁ ତୋ' ଅପେକ୍ଷାରେ ।୪।

**କବି ଓ କବିତା ଭବନ**
**ମହୁଲ, ଅଙ୍ଗାରପଡା,**
**ଖୋର୍ଦ୍ଧା**

# ଛାତିରେ ମୋହର ଜଳେ ବଇଶାଖୀ

ସୁରଞ୍ଜନ ପାତ୍ର



ଛାତିରେ ମୋହର ଜଳେ ବଇଶାଖୀ
ଆଖିରେ ଅସରା ଲୁହ
କେମିତି ଗାଇବି ଜୀବନର ଗୀତ
ଅବସୋସମୟ ସାରା ଚଲାପଥ
ଗୁମୁରି ମାରଇ କୋହ।।

ମଉଳି ଗଲାଣି ସ୍ମୃତିର ପତରେ
ସବୁଜ ସୋହାଗ ଯେତେ
ମନପକ୍ଷୀ ବସାଭୂଇଁରେ ଲୋଟୁଛି
ସୁଖ କାରାବାସେ ବିତେ।

ଦରଜାକୁ ଖୋଲି ବସିଛି ମରଣ
ଉଜାଣି ବୋହୁଛି ସୁଅ
ଛାତିରେ ମୋହର ଜଳେ ବଇଶାଖୀ
ଆଖିରେ ଅସରା ଲୁହ।।

ଚନ୍ଦନ ବନେ ଯାଯାବର ଆଜି
ଭଲପାଇବାର ଦିନ
ଶିଉଳିରେ ଭରା ଘାଟରେ ଆକୁଳ
ବୟସର ପାଦଚିହ୍ନ।

ଦୁଃଖ ମଶାଣିରେ ଆଉ ମୁଁ ପାରୁନି
ଏ ଦେହକୁ କରି ଦାହ
ଛାତିରେ ମୋହର ଜଳେ ବଇଶାଖୀ
ଆଖିରେ ଅସରା ଲୁହ।।

ସଂପାଦକ-ନୀହାରକନ୍ୟା ସାହିତ୍ୟ ସଂସଦ,
ନୂଆଗାଁ, ଶିଙ୍ଗାଖୁଣ୍ଟା, ସୋର, ବାଲେଶ୍ୱର



# ନିଦାଘ

**ଛବିରାଣୀ ପତି**

ମୁଁ ଏକ ତୃଷାର୍ତ୍ତ
ପଥଶ୍ରାନ୍ତ ପଥିକଟିଏ ....
କୌଣସି ଏକ ନିଦାଘ ମରୀଚିକାର।

ଥାକଥାକ ହୋଇ ଏଇ ନିଦାଘର ପାହାଡ଼
ଆଘାତ ଦେଇଚାଲେ
ଏ ଆତୁରା ପ୍ରାଣକୁ ମୋ'ର
ସାରା ଶରୀରକୁ ଆଉ ମନକୁ ବି
ପରସ୍ତ ପରସ୍ତ କରି ସମାଧି ବି ଦିଏ ମୁଁ
ମିଠା ମଳୟର ପରଶ ଭରା
ମୋ'ର ଅସୁମାରୀ ସକଳ ସ୍ୱପ୍ନକୁ।

କାହିଁ ଆଉ ସେ କାକର ସ୍ନାତା
ଚୁନା ଚୁନା ସଦ୍ୟ ଅନୁରାଗ?
ଚାରିଆଡ଼େ ତ ଖାଲି ବିଭୀଷିକାମୟ
ପ୍ରଳୟ ନିର୍ମମ ହୁଙ୍କାର!!
ଚାଲିଛି ଏଠି ବିଦ୍ରୁପାତ୍ମକ ଅଟ୍ଟହାସ୍ୟରେ
ସପ୍ତଫେଣୀର ପ୍ରଣୟ ପର୍ବ
ଆଉ ପଞ୍ଚଭୂତେ ହାହାକାର
ସନ୍ତାପ ଉତ୍କଟ।

ଏଇ ନିଦାଘରେ....
କୋଉଠୁ ବା ଆସିବ ଆକର୍ଷଣ
କେମିତି ବା ଉଠିବ ଆଲୋଡ଼ନ?
ଏ ଚର୍ମ ଦାହ ମର୍ମ ଦାହ ଯାତନା ଜୁଇରେ
କେତେ ଯେ ଗମ୍ ଗମ୍ ଝାଳ
କିଏସେ ବା ବୁଝିବ କାହୁଁ?
ସାଜିବ ଅନାହତ ଆଲୋକ ବାହକ!
କାଇଁ କୋଉଠି ସେ ବୋଧିଦ୍ରୁମ
ଯୋଉଠି ବସିଲେ ଦିନେ
ହୋଇଯାଆନ୍ତି ମୁଁ ନିଃସ୍ୱରୁ ଈଶ୍ୱର।

**ଜଗତସିଂହପୁର**



# ନିଦାଘ

ତାରାପ୍ରସାଦ ଜେନା

ନିଦାଘର ବୁକୁଫଟା ତପତ ଖରା
ବଞ୍ଚିବାଟା କଲବଲ ଲାଗୁଛି ପରା,
ମେଘ ଟୋପେ ବର୍ଷିଗଲେ ମିଳନ୍ତା ଖୁସି
ପଲ୍ଲବିତ ଧରା ପରେ ଧରନ୍ତା କଷି।

ଦିବାସ୍ୱପ୍ନ ଦେଖିବାଟା ହୋଇଛି ମନା
ଆଶଙ୍କାର ଧୈର୍ଯ୍ୟଘର ହେଉଛି ଚୂନା,
ଲୁହ ସବୁ ଶୁଖିଯାଏ ନିଗିଡ଼େ ଲହୁ
ଓଠ ଶୁଖି ଅଠା ଅଠା ମିଳୁନି ମହୁ।

ଅନ୍ଧାରର ଅଭିସାର କୁହେଳି ପଥ
ଦିଗହୀନ ବାହିବାକୁ ଜୀବନ ରଥ,
ଦୋଷ ତ୍ରୁଟି ହେଜୁଥିଲେ ମେଣ୍ଟୁନି ଇଚ୍ଛା
ଭାଗ୍ୟ ହାତେ ବନ୍ଧା ପଡ଼େ କରମ ଆଚ୍ଛା।

ନିଦାଘର ରୂପ ରସ ଭୁଲିଛି ଛନ୍ଦ
କଇଁ ପାଇଁ ମନ ଥାଇ କାନ୍ଦୁଛି ଚାନ୍ଦ।

ରଣପୁର (ଗୋଡ଼ିପାଟଣା ସାହି),
ରାଜ ରଣପୁର, ନୟାଗଡ଼

# ନିଦାଘ

**ପଙ୍କଜିନୀ ଉପାଧ୍ୟାୟ**

ଟାଇଁ ଟାଇଁ ମୁଣ୍ଡ ଝାଇଁ ଝାଇଁ
ଝାଇଁ ଝାଇଁ ବହେ ଝଞ୍ଜା
ଯିଏ ସହିଗଲା ବାହାବାହା ନେଲା
ସିଏ ସଂସାରର ରାଜା।

ଜ୍ୟେଷ୍ଠ ଦଗ୍ଧ ତାତି କି ଦାରୁଣ ଅତି
ପରିବର୍ତ୍ତିତ ସମୟ
ଗଛଲତା କାଟି ପ୍ରକୃତିକୁ ଲୁଟି
କରୁଛି ଆପଣା କ୍ଷୟ।

ବରଷା ଲୁଚିଛି ବଉଦ ଗରଭେ
ଦିଶୁନି କଳାବାଦଲ
ନର ପଶୁପକ୍ଷୀ କୀଟ ତରୁଲତା
ହେଉଛନ୍ତି କଲବଲ।

ଜଳର ବହୁଳେ ହୁଏ ସୃଷ୍ଟି ନାଶ
ଜଳ ବିହୁନେ ବିନାଶ
ବିଚିତ୍ର ବିଧାନ ଜଳ ହିଁ ଜୀବନ
ପ୍ରତି ଜୀବନର ଶୋଷ।

ଝାଞ୍ଜି ପବନର ଝଞ୍ଜା ଯେ ପ୍ରବଳ
ଗରିବଙ୍କ ପାଇଁ ଦୁଃଖ
ଭୋକ ଉପବାସେ କଟୁଥାଏ ଦିନ
କେମିତି ଜୀବନ ଦେଖ?

ଶ୍ୟାମଳିମା ଶୋଭା ନୁହେଁ ଉପଲବ୍ଧ
ଜଳି ପୋଡ଼ିଯାଏ ପରା
ପୁଷ୍ପ ଉଦ୍ୟାନରୁ ଲୁଟିନିଏ ରଙ୍ଗ
ଡହଡହ ଏହି ଖରା।

କୋଇଲିର ସ୍ୱନଚୂତ ଗହଳରୁ
ଶୁଭେ ନାହିଁ ଶୁଭେ ନାହିଁ
ଖରାର ତାତିରେ ପ୍ରାଣ ବିକଳରେ
ଡାକୁଥା'ନ୍ତି ତ୍ରାହି ତ୍ରାହି।

ରକ୍ଷାକର ପ୍ରଭୁ ତାତିର ଏ ଦାଉ
କର ଦୁଃଖ ପରିତ୍ରାଣ
ତୁମରି ସୃଷ୍ଟିର ତୁମେ ରକ୍ଷାକର
ହୁଅନି ଦୁଃଖ କାରଣ।

ଯାଜପୁର

# ଆଶାର ନିଦାଘ

ସୌଦାମିନୀ ସାହୁ

କୃଷ୍ଣଚୂଡ଼ାର ଓଢ଼ଣା ଓଢ଼େଇ
ଆଶାର ନିଦାଘ ଆସେ ଜଗତେ
ଭୂମିଠାରୁ ଭୂମା ବଖାଣେ ମହିମା
ଗ୍ରୀଷ୍ମର ପ୍ରବାହେ ଧରଣୀ ଯେ ତାତେ

ବିଦାୟୀ ଫଗୁଣଟା ମଉଳେ
ମଉଳେ ବଉଳର ମହମହ ବାସ
କଅଁଳ ପତର ଧିରେ ଗାଢ଼ ହୁଏ
ସବୁ ପରେ ନିଦାଘର ନାଗଫାଶ।

ଆଶାର ନିଦାଘଟା ରୁକ୍ଷ ସାଜେ
ଲୋଡ଼ା ହୁଏ ଶୀତଳ ଚନ୍ଦନ
ଘର୍ମାକ୍ତ ଶରୀର ଚାହେଁ ଶୀତଳତା
ବୃକ୍ଷଛାୟା ତଳେ ସେହି ଶୀତଳ ପବନ

ସତେ କେତେ ବୈଚିତ୍ର୍ୟତା ଲାଗେ
ଋତୁରାଜ ବସନ୍ତ ପରେ ନିଦାଘ
ବିଶ୍ୱ ପରେ ସୂର୍ଯ୍ୟଙ୍କର ରାଜୁତି
ଶୋଷିନିଏ ଜଳ ସତେ ସିଏ ବାଘ।

ମଲ୍ଲୀ ହେନା ଜୁଇଫୁଲ ମହମହ ବାସ
ମନେ ଦିଏ ନିଆରା ସନ୍ତୋଷ
ଚନ୍ଦନ ଲାଗି ଆଉ ଜଳକେଳୀ କରନ୍ତି
ରାଧାଦାମୋଦର ଦେଖ ହୋଇ ହସହସ

ହେଲେବି ଯନ୍ତ୍ରଣା ଦାୟୀ ନିଦାଘ
ତଥାପି ବର୍ଷାର ଆବାହକ ସିଏ
ଦୁଃଖ ପରେ ସୁଖର ସକାଳ ହେବ
ଆଶାର ନିଦାଘ ପରା ଆମକୁ ଶିଖାଏ।

ସଫା, ଟାଙ୍ଗୀ,
କଟକ

# ଖାସ୍ ତୁମ ପାଇଁ.. କିଛି ନିଦାଘ କବିତା



ସୁମିତା ବେହେରା ବାପି

ତୁମେ ପାଶେ ଥିଲେ
ଫଗୁଣ ଫଗୁଣ
ସବୁ ଋତୁ କିଆଁ ଲାଗେ!
ନିଦାଘ ପରଷେ
ଶୀତଳ-ଚନ୍ଦନ
ଉଆଁସେ ଚନ୍ଦ୍ରମା ହସେ।

ମୋ' ନିଦ ମୋ' ସ୍ୱପ୍ନ
ଫୁଲ ଓ ଫଗୁଣ ନିଅ
ତୁମ ନାମେ କରିଦେଲି,
ନିଦାଘର ତାତି
ଶ୍ରାବଣର ଜିଦି
ଦେଖ! ମୋ' ଭାଗରେ ରଖିନେଲି।

ସ୍ମୃତି ତରଳୁଛି
ନିଦାଘ ତାତିରେ
ଫଗୁଣ ଗାଉଛି ଗୀତ,
ଫିକା ଫିକା ଆଜି
ଚାନ୍ଦର ଚାନ୍ଦିନୀ
ପାଶେ ନାହିଁ ବୋଲି ମିତ।

ନିଦାଘ ମରୁର
ତପ୍ତ ସୈକତେ
ମରୁଝର ହୋଇ ଆସିବ କି!
ମୋ' ପଲକ ତଳେ
ଅସୁମାରୀ ସ୍ୱପ୍ନ
ନିଦଭରା ରାତି ଯାଚିବ କି!

ପ୍ରୀତିସ୍ପର୍ଶ ତୁମ
ପାଥେୟ ଜୀବନେ
ଚାଲିବାକୁ ବାକି ରାସ୍ତା,
ସାଥେ ଥିଲେ ତୁମେ
ନିଦାଘ ପରଶେ
ଚନ୍ଦନର ଶୀତଳତା।

ଦିଗନ୍ତ ସେପାଖେ
ଅସରା ସପନ
ଏପାଖେ ନିଦାଘ ନିଆଁ,
ମନ ଖୋଜୁଥାଏ
ପ୍ରୀତିସ୍ପର୍ଶ ଯା'ର
ସେ' ଯେ କୁହୁଡିକା ଧୂଆଁ।

ଛଳିଆ ଫଗୁଣ ଦେଇଥିଲା କଥା
ଅଗଣା ଛାଡ଼ି ମୋ'
ଯିବନି କେବେ,
ନିଦାଘ ଧରେଇ
ଫୁର୍ ହେଇଗଲା
କେଡ଼େ କପଟିଆ ଭାବୁଛି ଏବେ!

ଭୁବନେଶ୍ୱର

# ନିଦାଘ



**ସ୍ୱର୍ଣ୍ଣଲତା ମହାପାତ୍ର**

ନିଦାଘ ଗ୍ରୀଷମ ହୁଏ ନିରିମମ
ନିଜ ପରିଚୟ ପାଇ
ହୁତାସନ ହୋଇ ଜାଳେ ଗିରିବନ
ଝାଞ୍ଜି ବହେ ସାଇଁସାଇଁ----।୦।

ଉତ୍ତପ୍ତ ମଧ୍ୟାହ୍ନ ଜଳାଏ ଜୀବନ
ଗମଗମ ବହେ ଝାଳ
ଅମୃତର ସମ ସଞ୍ଜୁଆ ପବନ
ଦେହକୁ କରେ ଶୀତଳ
ତାଣ୍ଡବ ରଚଇ କାଳ ବଇଶାଖୀ
ପ୍ରଳୟର ଗୀତ ଗାଇ
ନିଦାଘ ଗ୍ରୀଷମ ହୁଏ ନିରିମମ
ନିଜ ପରିଚୟ ପାଇ----।୧।

ତୃଣ-ଲତା-ଗୁଳ୍ମ ତାତିରେ ଝାଉଁଳେ
ଧରାବକ୍ଷ ହୁଏ ଶୁଷ୍କ
ବନେ ପଶୁପକ୍ଷୀ ଡହକ ବିକଳେ
ଭୋଗନ୍ତି ଅନେକ ଦୁଃଖ
ପଥରେ ପଥିକ ହୁଏ ଆନ୍ଦୋଳିତ
ଖରାର ଓଢଣୀ ନାଇ
ନିଦାଘ ଗ୍ରୀଷମ ହୁଏ ନିରିମମ
ନିଜ ପରିଚୟ ପାଇ----।୨।

ନିଦାଘ ସମୟ ହେଲେ ବି ଦାରୁଣ
ଧରଣୀରାଣୀର ମିତ୍ର
ପ୍ରାଣୀଜଗତର ହିତପାଇଁ କରେ
ମୌସୁମୀକୁ ନିମନ୍ତ୍ରିତ
ଚିତ୍ତ ଚହଲେଇ ବାସ ମହାକାଏ
ହେନା, ମଲ୍ଲି, ଯୁଇ, ଜାଇ
ନିଦାଘ ଗ୍ରୀଷମ ହୁଏ ନିରିମମ
ନିଜ ପରିଚୟ ପାଇ----।୩।

**ନୀଳାଦ୍ରି ବିହାର,**
**ଭୁବନେଶ୍ୱର**

# ନିଦାଘର ଅଭିମାନ

**କବିତା ନାୟକ**



ଫଗୁଣର ରଙ୍ଗ ଲାଗିଥିଲା ଯେବେ
ପହିଲି ବସନ୍ତ ଛୁଆଁରେ
ମନର ମଳୟ ଲୁଚି ଯାଉଥିଲା
ଚଇତି ପୁନେଇ ନିଆଁରେ।
ଜଳି ଯାଉଥିଲା ଗଛର ପତର
ଶୁଷ୍କ ଧରଣୀ ଭୂଇଁରେ
ଜୀବଜଗତର ହାହାକାର ସ୍ୱର
ଶୁଭି ଯାଉଥିଲା ମହୀରେ।
ବୈଶାଖ ଆସନ୍ତେ, ସବୁରି ଉଲ୍ଲାସ
ଘରେ ଘରେ ପଣା ବାସିଲା
ପହିଲି ବୈଶାଖ ଶୁଭ ନବବର୍ଷ
ଶୁଭେଚ୍ଛାର ସୁଅ ଛୁଟିଲା।
ଅସହ୍ୟ ତାତିରୁ ନିସ୍ତରିଲା ବୋଲି
କ୍ଷଣେ ଏ ଜଗତ ଭାବିଲା
ଆନ କ୍ଷଣେ ପୁଣି ଦୋଷାରୋପ କରେ
ବୈଶାଖୀ ଦାଉ ସାଧିଲା।

ପ୍ରକୃତି ନିୟମ ଗ୍ରୀଷ୍ମ ପ୍ରଭାବରେ
କାଳବୈଶାଖୀ ଯେ ତେଜିଲା
କି କଲୁ ବୈଶାଖୀ ଆର୍ତ୍ତନାଦ ଶୁଭେ
ମନେ ଶଙ୍କା ମୋ'ର ଘାରିଲା।
ଦାରୁଣ ନିଦାଘ ଧରଣୀ ପୃଷ୍ଠରେ
ଅହରହ ଜ୍ୱାଳା ବଢ଼ିଲା
ତୃଣ, ବୃକ୍ଷରାଜି, ଜୀବଜଗତରେ
ତ୍ରାହି ତ୍ରାହି ଡାକ ପଡ଼ିଲା।
ବାର ମାସେ ଷଡ଼ ଋତୁ ବିରାଜିତ
ଏ କଥା ସଭିଏଁ ଜାଣନ୍ତି
ପ୍ରକୃତିର ଧାରା ନିୟମରେ ବନ୍ଧା
ଏ କଥା କି ଭୁଲି ଯାଆନ୍ତି ?
ଭଲ ମନ୍ଦ ବେନି ସାଥେ ଧରି ଋତୁ
ଅଭିନୟ ରଚୁ ଅଛନ୍ତି
ଜୀବଜଗତର ମଙ୍ଗଳ ମନାସି
ଧରାରେ ବିରାଜ କରନ୍ତି।

**ଭୁବନେଶ୍ୱର**

# ନିଦାଘ

**ଚପଳା ପଣ୍ଡା**



ଧୁଉ ଧୁଉ ଖରାବେଳ
ଘୋ' ଘୋ' ତୋଟାମାଳ
ପୋଖରୀରେ ଚବ ଚବ
ମନ ହୁଏ ଖବ ଖବ
    ନିଦାଘରେ ପିଲାବେଳ କହିବ
ଝାଞ୍ଜି ଖରା ବାଧୁଥିବ
ଝାଳ ଖାଲି ବୋହୁଥିବ
ଗୁଳୁଗୁଳି ଗାଲୁଥିବ
ବିଞ୍ଚଣାରେ ବିଞ୍ଚୁଥିବ
    ଛାଇ ପାଇଁ ଗଛମୂଳ ଡାକୁଥିବ।

ମାଛ ଧରା ନଈ ପଠା
ଝାଇଁ ମାଛ ମୁଠା ମୁଠା
କୋଇଲିର କୁହୁ ତାନ
ତାଳ ଦେଇ କରୁ ଗାନ
    କୁଆଡ଼ିକୁ ଚାଲିଗଲା ଭାବୁଛି
କଣ୍ଢେଇର କଣ୍ଢା ଗଳି
ଦାନ୍ତ ସନ୍ଧି କଳା ବୋଳି
ଲୁଣ ଲଙ୍କା ଖଟା ଆମ୍ବ
ଟାକରାରେ କେତେ ଦମ୍ଭ
    ନିଦାଘରେ ପିଲାଦିନ ହେଜୁଛି।

କାନମୋଡ଼ା ବୋଉ ରାଗ
ଘିମିରିରେ ନାଲି ଦାଗ
ପିଠି ପେଟ ଜଳା ପୋଡ଼ା
ପାଠ ଶାଠ ଦର ଫେଡ଼ା
    ଆଜି ସବୁ ଲାଗୁଅଛି ଭେଳିକି,
ପିଜୁଳିକୁ ଜାମୁକୋଳି
ଚୋରି କରି ଶୁଣୁ ଗାଳି
ବଣ୍ଡାକୁଣ୍ଡା କେତେ କଳି
ସାଙ୍ଗସାଥୀ କୋଳାକୋଳି
    ନିଦାଘରେ ଏବେ ନାହିଁ କାହିଁକି?

ଦିପହରେ ଛକି ଶୂନ
କଉଡ଼ିରେ ଭାରି ମନ
ହଜିଯାଏ ସେଇ ସୁଖ
ଦୀର୍ଘଶ୍ୱାସେ ଫୁଲେ ନାକ
    ଆସିବକି ନିଦାଘର ମୁହୂର୍ତ୍ତ
ଏବେକାର ଖରାବେଳା
ମୋବାଇଲ୍ ଚିତ୍ତ ଚୋରା
ଦିନ ଲାଗେ ଚୁପ୍ ଚାପ୍
ଏସି ଘରେ ଚୁପ୍ ଚାପ୍
    ପ୍ରହସନେ ଜୀବନଟା ବିକୃତ।

ନିଦାଘର ଟାଇଁ ଟାଇଁ
କାନ ମୁଣ୍ଡ ଝାଇଁ ଝାଇଁ
ଅଂଶୁଘାତେ ପଥଚାରୀ
ପଖାଳର ବାସ୍ନା ଝୁରି
    ଢୋକେ ପିଇ ବରଷାକୁ ଚାହିଁଥା
ନିଦାଘ ତ ଫେରିଯିବ
ଅତୀତକୁ ଝୁରୁଥିବ
ସ୍ମୃତି ସବୁ ସାଇତିବ
ଭବିଷ୍ୟତ ଘାରୁଥିବ
    ହତାଶିଆ ଜୀବନକୁ ଭାବୁଥା।

ଖୋର୍ଦ୍ଧା

# ନିଦାଘ

**ଅଶେଷ ଲୋଚନ ଆଚାର୍ଯ୍ୟ**

ବରଷକେ ଆସେ ଛଅଗୋଟି ଋତୁ
ପଢ଼ିଅଛୁ ଆମେ ପାଠରେ,
ପ୍ରକୃତରେ ଆମେ ତିନି ଗୋଟି ଋତୁ
ଅନୁଭବ କରୁ ବର୍ଷରେ।
ବସନ୍ତ ମିଶଇ ଗ୍ରୀଷ୍ମ ସହିତରେ
ଶରତ ଭିଜଇ ବର୍ଷାରେ,
ଶରତ ଶିଶିର ଶୀତ ବସ୍ତ୍ର ଘୋଡ଼ି
ଓହ୍ଲାଇ ଥାଆନ୍ତି ଧରାରେ।
ନିଦାଘ ସତରେ ଭାରି ନିଦାରୁଣ
ଭାଜିଦିଏ ଟାଣ ଖରାରେ,
ବୃକ୍ଷଲତା ସବୁ ଶୁଷ୍କ ହୋଇଯାଆନ୍ତି
ପାଣିକୁ ନପାଇ ମୂଳରେ।
ନଦୀ ନାଳ ବନ୍ଧ ଗାଡ଼ିଆ ପୋଖରୀ
ଜଳ ବାଷ୍ପ ହୁଏ ଖରାରେ,
ଜଳଚର ଜୀବ ଆଉଟୁ ପାଉଟୁ
ହେଉଥାଆନ୍ତି ବିନା ଜଳରେ।
ଚାତକ ଚଢ଼େଇ ଚକ୍କର କାଟଇ
ଆକାଶରେ ଜଳ ଆଶାରେ,
ଛୁଆପିଲା ଧରି କଲବଲ ହୁଏ
ଡାହୁକ ବାଉଁଶ ବଣରେ।
ପ୍ରବଳ ଗରମ ଅନୁଭୂତ ହୁଏ
ଦେହ ଭିଜିଯାଏ ଝାଳରେ,
କିଏ ପଶିଯାଏ ଶୀତତାପ ଘରେ
କିଏ ବିଞ୍ଚି ହୁଏ ପଙ୍ଖାରେ।

ଫୁଟି ତରଭୁଜ ଦହି ସରବତ
ମନଥାଏ ବେଲ ପଣାରେ,
ତବତ ରୁଚେନି ଗରମ ସକାଶେ
ମୁହାଁଶ ପଖାଳ କଂସାରେ।
ଆମ୍ବ ଜାମୁକୋଳି ପାଚଇ ଗଛରେ
କେନ୍ଦୁ ଓ କୁସୁମ ବଣରେ,
ତାଳସଜ ପୁଣି ସୁଆଦ ଲାଗଇ
ଚାରକୋଳି ମିଠା ଲାଗେରେ।
ପଣା ସଙ୍କରାନ୍ତି ଝାମୁଯାତ୍ରା ହୁଏ
ଚାପ ଖେଳୁଥାନ୍ତି ଠାକୁରେ,
ବୈଶାଖ ମାସରେ ନଗର କୀର୍ତ୍ତନ
ହୁଅଇ ପ୍ରତିଟି ଗ୍ରାମରେ।
ବାହାରେ ଗରମ ଅନ୍ତର ଶୀତଳ
ଭରିଥାଏ ଗ୍ରୀଷ୍ମ ମନରେ,
ଜଳ ବାଷ୍ପ ନେଇ ମେଘ ସୃଷ୍ଟି କରେ
ଢାଳିଦିଏ ବର୍ଷା ଋତୁରେ।
କଷ୍ଟ କଲେ କୃଷ୍ଣ ଅବଶ୍ୟ ମିଳଇ
ଏଇତ ନିୟମ ଧରାରେ,
କର୍ଷଣ କରିଲେ ଭଲଭାବେ କ୍ଷେତ
ଫସଲ ହସିବ କ୍ଷେତରେ।
ଦିନ ପାଇଁ ସିନା ରାତିଟା ସୁନ୍ଦର
ଖରା ପାଇଁ ଜ୍ୟୋସ୍ନା ଶୀତଳ,
ଭାରି କଷ୍ଟ ଦିଏ ନିଦାଘ ଧରାକୁ
ହୃଦୟଟା ତା'ର କୋମଳ।

**ବଳଭଦ୍ରପୁର,
ମୟୂରଭଞ୍ଜ**

# ନିଦାଘର ନିଆଁ

**ପ୍ରଶାନ୍ତ କୁମାର ଦାଶ**

ନିଦାଘର ନିଆଁ ଜାଳିଦେଲ ପ୍ରିୟା
ମୋ' ମନ ମରମ ତଳେ
ଉଜୁଡ଼ା ସଞ୍ଜରେ ଝୁରିହେଇ ଭିଜେ
ବିରହର ବର୍ଷାଜଳେ॥

ତାତେ ନଈବାଲି ନିଦାଘ ନିଆଁରେ
ଥାପିପାରେ ନାହିଁ ପାଦ
ତୁମ ବିଚ୍ଛେଦରେ ପାଏ ଖାଲି ପ୍ରତାରଣା
ଦୁଃଖ ଲୁହ ଅବସାଦ॥

ମୋ' ଆଖି ଲୁହରେ ଫୁଟଇ ତରାଟ
ଲାଜ ଶିଉଳିର ଫୁଲ
ଦେଖା ହେଇଥିଲା ଏଇ ନିଦାଘରେ
ଶେଷେ ମତେ ପର କଲ॥

ମୋ' ଯିବା ଆସିବା ବାଟରେ ଦେଖେ ମୁଁ
ତୁମ ଗାଁ ଅଳସୀ ନଈ
କିମିଆଁ କରି ସେ କାନେ ଚୁପି ଚୁପି
କାହାଣୀ ଦିଅଇ କହି॥

ନିଦାଘ ନିଆଁରେ ମୁଁ ଜଳିଲେ ଯଦି
ସୁଖ ପାଇଯିବ ତୁମେ
ଜଳିଜଳି ଗଲେ ଫେରି ପରପାରି
ଭେଟ ହେବା ସେଠି ଆମେ॥

ଅଧାତ ରହିଲା ଆମ ଦୁହିଁଙ୍କର
ପ୍ରେମର କାହାଣୀ ଲେଖା
ଆମ ଆଖି ଆଗେ ଟାଣିଦେଲା କିଏ
ବିଚ୍ଛେଦ ଲକ୍ଷ୍ମଣରେଖା॥

ନିଦାଘ ନିଆଁରେ ଜଳି ଯାଉଥିବି
ପ୍ରତୀକ୍ଷା ତୁମକୁ କରି
ପୁରାହେବ ଆମ ସୁଧାସମ ପ୍ରେମ
ତୁମେ ତ ଆସିଲେ ଫେରି॥

ତୁମେ ପ୍ରିୟତମା ମନ ଆକାଶର
ଚଇତର ତୋଫା ଜହ୍ନ
ଯେତେ ଜଳିଲେ ବି ନିଦାଘ ନିଆଁରେ
ଅତୁଟ ରହିବ ମନ॥

କୁଞ୍ଜର, ସଙ୍ଗଳାଇ,
ପିପିଲି, ପୁରୀ

# ନିଦାଘ

ଚନ୍ଦ୍ରକଳା ଦେବୀ



ବସନ୍ତର ଅନ୍ତେ ନିଦାଘ ପ୍ରବେଶ
ଧରାପୃଷ୍ଠରେ କରଇ
ସୂର୍ଯ୍ୟଙ୍କର ତେଜ ପ୍ରଖର ହୁଅଇ
ଅସ୍ତବ୍ୟସ୍ତ କରିଥାଇ।
ପ୍ରଚଣ୍ଡ ଉତ୍ତାପେ ପୃଥିବୀ ତପତ
ଗମଗମ ବହେ ଝାଳ
ପଶୁପକ୍ଷୀ ସ୍ଥଳଚର ଜଳଚର
ସରବେ ହୁଅନ୍ତି ବିକଳ।
ନଈନାଳ ଆଉ କୂପ ପୁଷ୍କରିଣୀ
ଜଳରାଶି ହୁଏ ବାଷ୍ପ
ଉତ୍ତପ୍ତ ଜଳରେ ଜଳଚର ପ୍ରାଣୀ
ହୋଇଥାନ୍ତି ଛଟପଟ।
ଖରା ଟାଇଁଟାଇଁ କରେ ଝାଇଁଝାଇଁ
ଦେହକୁ ଲାଗେ ଅବଶ
କୌଣସି କାର୍ଯ୍ୟରେ ମନଲାଗେ ନାହିଁ
କରିଥାଏ ହନ୍ତସନ୍ତ।
ସନ୍ଧ୍ୟା ସମୟରେ ନଈର କୂଳରେ
ଭିଡ଼ ଜମେ ଲୋକଙ୍କର
ଗାଆଁ ତୋଟାମାଳ ବହୁ ଲୋକଙ୍କର
ସାଜିଥାଏ କ୍ରୀଡ଼ାସ୍ଥଳ।

ସନ୍ଧ୍ୟା ସମୟରେ ମଲ୍ଲୀଫୁଲ ବାସ
ସଭିଙ୍କର ପ୍ରିୟ ଅତି
ଜୁଇ ଜାଇ ହେନା ଓ ରଜନୀଗନ୍ଧା
ତା' ସଙ୍ଗେ ଥାଆନ୍ତି ମାତି।
ସପୁରୀ ଖଜୁରୀ ଆମ୍ବ ଓ ପଣସ
ନିଦାଘରେ ଥାଏ ପାଚି
ଲାଲ ତରଭୁଜ ଲେମ୍ବୁ ସରବତ
ପିଇଣ ଲଭନ୍ତି ତୃପ୍ତି।
ଅକ୍ଷୟ ତୃତୀୟା ସାବିତ୍ରୀ ଓ ରଜ
ହୁଅଇ ଚନ୍ଦନ ଯାତ
ଅଂଶୁଘାତ ପାଇଁ ଠାବେଠାବେ ପୁଣି
ଖୋଲିଥାଏ ଜଳଛତ୍ର।
ନିଦାଘ ସମୟ ହେଲେ ହେଁ ଦାରୁଣ
ଅଟେ ଜଗତର ମିତ
ସୃଷ୍ଟିକରେ ମେଘ ସାଧେ ପ୍ରାଣୀହିତ
ଜଳଦାନେ କରେ ପ୍ରୀତ।

ବନ୍ଧୁଗାଁ,
କୋରାପୁଟ

# ନିଦାଘ

ନଳିନୀ ପ୍ରଭା ମିଶ୍ର

ନିଦାଘ ଜଳୁଛି ଜାଳୁଛି ପୃଥିବୀ
କି ଦିନ!  କି ଅବା ରାତି!
ବିରହୀ ମନଟା କରୁଛି ଅସହ୍ୟ
ହୃଦୟ ତଳର ତାତି।

ଶୁଷ୍କ ତରଙ୍ଗିଣୀ ଧରି କୃଶ ତନୁ
ଅନାସକ୍ତ ଭରା କ୍ଳେଶ
ଜାଗତିକ ମାୟାଠାରୁ ସେ
ନିବୃତ୍ତ କିବା! ସନ୍ୟାସିନୀ ବେଶ।

ଶ୍ରୀହୀନ ହୋଇଲେ ବୃକ୍ଷ ତରୁଲତା
ନିଦାଘ ଆଘାତ ପାଇ
ଜଳଚର ପ୍ରାଣୀ ଲଭିଲେ ଦୁର୍ଗତି
ଜଳହୀନ ଦଶା ବହି।

ଦିବସ ଆୟୁଷ ହୁଏ ଅଭିବୃଦ୍ଧି
ବଢ଼େ ଖରାର ପ୍ରକୋପ
ରବି କର ଦିଏ ତେଜସ୍ୱିୟତାର
ଧରି ପରାକ୍ରମ ରୂପ।

ନିଦାଘ ସମ୍ଭାର ଧରି ପୁଷ୍ପଭାର
ମଲ୍ଲିକା, ଚମ୍ପା, ବକୁଳ
ଖଜୁରୀ, ସପେଟା, ଫଳ ମଧ୍ୟେ
ଶ୍ରେଷ୍ଠ ପ୍ରାପ୍ତ ହୁଅଇ ରସାଳ।

ବିଷୁବ ସଂକ୍ରାନ୍ତି ବିଷୁବ ଆସର
ସାହିତ୍ୟିକ ସମାବେଶ
କବିତା, କାବ୍ୟର ରସ ଆହରଣ
ଆନନ୍ଦ ଦିଏ ଅଶେଷ।

ନିଦାଘ କ୍ଳେଶର ରହିଛି ନିହିତ
ପରବର୍ତ୍ତୀ ସୁଖ ଦିନ
ବିଧାତା ଅପୂର୍ବ ବରଦାନ ବଳେ
ବର୍ଷାର ଆଗମନ।

ଜଳଚକ୍ରର ଅପୂର୍ବ କରଣୀ
ଆକାଶରେ ମେଘ ସୃଜନ
ଶୀତଳ କରିବ ନିଦାଘ ତାପିତ
ଧରଣୀ ହୃଦୟ ବନ।

ମୁକୁନ୍ଦପୁର, ଆସ୍କା,
ଗଞ୍ଜାମ



# ନିଦାଘ

**ଡ. ସନ୍ତୋଷ କୁମାର ପଣ୍ଡା**

ନିଦାଘ କାଳର ଯେ ଆଗମନ,
ନିଦାଘକରଙ୍କ ତେଜ କିରଣ।
ବୃକ୍ଷଲତାଠାରୁ ଇତର ପ୍ରାଣୀ,
ଜଳନ୍ତି ଉତ୍ତାପେ ଯେପରି ବହ୍ନି।
ନଦୀ, ନାଳ, କୂପ, ଶୁଷ୍କ ପୋଖରୀ,
ଜଳ ଜଳ ବୋଲି ପଡ଼ଇ ହୁରି।
ଋତୁଚକ୍ର ମଧ୍ୟେ ପିତା ଗ୍ରୀଷମ,
ଭାରି ଟାଣ ତା'ର ଅନୁଶାସନ।
ହେଲେ ହେଉ ପଛେ ସେ କଷ୍ଟଦାୟୀ,
ଭବିଷ୍ୟ କରେ ସେ ମଙ୍ଗଳଦାୟୀ।
ଦିନୁ ଦିନ ବଢ଼େ ଉତ୍ତାପ ଜାଣ,
ଦାୟୀ ଆମେ ସବୁ ମାନବଗଣ।
ପରିବେଶ ନୀତି କରି ଉପେକ୍ଷା।
ହୋଇବ କିପରି ଏ ସୃଷ୍ଟି ରକ୍ଷା .
ଆସ ଆଜି ସର୍ବେ ନେବା ଶପଥ,
ଧ୍ୱଂସ କରିବାନି ଏଇ ଜଗତ।

**ଗଡିରାଉତପାଟଣା,**
**କଟକ**

*(ଚକ୍ରକେଳୀ ଛନ୍ଦରେ ରଚିତ)*

# ନିଦାଘ

## ସୂର୍ଯ୍ୟକାନ୍ତି ଦାଶ



ବିଚିତ୍ର ନିୟମ   ବସନ୍ତର ପ୍ରେମ
କି ସୁନ୍ଦର ଧରାଧାମ
ବିହି ହେଲା ବାମ   ନିଦାଘ ଆଗମ
ସୁଖ ଦୁଃଖ ଚକ୍ରସମ।

ବସନ୍ତ ମଳୟ   ନେଇଛି ବିଦାୟ
ଚକ୍ରବାତ ଆଣେ ଭୟ
ନିଦାଘେ ଅଥୟ   ଧରା ଗ୍ରୀଷ୍ମମୟ
ମରୀଚିକା ଜଳମୟ।

ଶୀତଳ କୋମଳ   ତରୁ ଛାୟାତଳ
ନର, ପଶୁ, ପକ୍ଷୀ ମେଳ
ତୃଷାର୍ତ୍ତକୁ ଜଳ   କୋଟି ପୂଣ୍ୟ ଫଳ
ପ୍ରଦାନେ ହୁଏ ସଫଳ।

ଦହି, ସରବତ   ପଖାଳର ଭାତ
ଦେହ ପାଇଁ ବଡ ହିତ
ପଣାପାଣି ଯୁକ୍ତ   ବରଫ ମିଶ୍ରିତ
ରୌଦ୍ରତାପ କରେ ହତ।

ରବିଙ୍କ କିରଣ   ହୁଏ ବଡ଼ ଟାଣ
ଅସ୍ତବ୍ୟସ୍ତ କରେ ପ୍ରାଣ
ତାପେ ବିଲବଣ   ତରୁଲତା ଗଣ
ନଦୀ ହୋଇଯାଏ କ୍ଷୀଣ।

ଖରାରେ ବହୁତ   କଲେ ଆତଯାତ
ହୋଇଯାଏ ଅଂଶୁଘାତ
ସଲିଳ ସହିତ   ଢିଲା ପୋଷାକ ତ
ଛତ୍ରଛାୟା ଅଭିପ୍ରେତ।

ଧୂଳିଝଡ଼ ଆସେ   କଳାମେଘ ଭାସେ
କୁଆପଥର ବରଷେ
କ୍ଷଣକେ ନିମିଷେ   ରଜନୀ ଦିବସେ
କରାଳ ରୂପ ପ୍ରକାଶେ।

ଜଳର ସଙ୍କଟ   ହୁଅଇ ପ୍ରକଟ
ବାରି ବିନା ଛଟପଟ
ବନାଗ୍ନୀ ଉତ୍କଟ   କରେ କେତେ ହଟ
ଘଡ଼ିକେ କରେ ବିଭ୍ରାଟ।

ମାଳତୀ ପୁଷ୍ପର   ଚମ୍ପା ମଲ୍ଲୀକାର
ଶୋଭା ମଣ୍ଡେ ନାଗେଶ୍ୱର
ସେବତୀ ମନ୍ଦାର   ରଙ୍ଗେ କନିଅର
ଅପରାଜିତା ଟଗର।

ତରଭୁଜ, ଭେଣ୍ଡି   ଲାଉ ଲତା ମଣ୍ଡି
ଜହ୍ନି, କଖାରୁ କାକୁଡ଼ି
କଲରାର ଭାଡ଼ି   ପୋଟଳକୁ ମାଡ଼ି
ଖଡା ଶାଗ ହୁଏ ବାଡ଼ି।

ଆମ୍ବ ଲିଚୁରସ   ସପୁରି ପଣସ
ସେପଟା ଖଜୁରୀ ତାଳ
ସବୁ ପାଚି ହସେ   ମହମହ ବାସେ
ପୂଜା ପାଇଁ ଫଳମୂଳ।

ପଲ୍ଲୀ ଜୀବନର   ସରସ ସୁନ୍ଦର
ଭରଇ ପର୍ବପର୍ବାଣି
ବିଷୁବ ସଂକ୍ରାନ୍ତି   ସାବିତ୍ରୀ ପୂଜନ୍ତି
ଅକ୍ଷି ମୁଠି ଦିଏ ବୁଣି।

ରଜଦୋଳି ଖେଳ   ସାଙ୍ଗସାଥିମେଳ
ସ୍ନାହାନ ପୂର୍ଣ୍ଣିମା ବେଳ
ନରେନ୍ଦ୍ରରେ ଠୁଳ   ଭକ୍ତ ଦଳଦଳ
ଚନ୍ଦନଯାତେ ସକଳ।

ଦାରୁଣ ନିଦାଘ   ନଭେନାହିଁ ମେଘ
ଦିବାକର ରଶ୍ମି ବାଘ
ଅପ ତାପ ହେବ   ବାଷ୍ପ ରୂପ ନେବ
ବର୍ଷା ବାରି ସଞ୍ଚରିବ।

ପ୍ରଭୁ କଳାନିଧି   କରୁଣା ବାରିଧି
ବିଶାଳ ସଂସାର ନିଧି
ସତ୍ୟପଥେ ସିଦ୍ଧି   ଅଧର୍ମେ ବିରୋଧୀ
ଭକ୍ତଙ୍କୁ ଦିଅ ସୁବୁଦ୍ଧି।

ଓଗାଳପଡ଼ା, ଯାଆଁଳା,
ଜଟଣୀ, ଖୋର୍ଦ୍ଧା



# ଦାରୁଣ ନିଦାଘ

ପ୍ରତିମା ମହାରଣା

ନିଦାଘ ନିଦାଘ ଦାରୁଣ ନିଦାଘ
ଝାଞ୍ଜି ଖରାର ତାତି
ଉତ୍ତପ୍ତ ଧରଣୀ କାନ୍ଦେ କଇଁକଇଁ
ମୋ' ମିତକୁ ଦେଲ କାଟି॥
ସ୍ୱାର୍ଥେ ଅନ୍ଧ ହୋଇ ଗଛ ତୁ' କାଟିଲୁ
ଅଂଶୁମାନ ଗଲେ ରୁଷି
ଢାଳି ତପ୍ତବାୟୁ ବଢ଼ାଇଲେ ଦାଉ
ବୁଦ୍ଧି ଗଲା ସବୁ ହଜି॥
ପଲ୍ଲବିତା ଧରା ଦିଶେ ରୁକ୍ଷମୟ
ବାଟୋଇ ପାଏନି ରାହା
ଚାଲି ଥକି ଯାଏ ବୁହାଇଣ ଅଶ୍ରୁ
କି ଯୁଗ ଆଜି ଲୋ ହେଲା॥
ଋତୁଚକ୍ର ଆଜି ଯାଇଛି ବଦଳି
ନର ଆଜି ଅସ୍ତବ୍ୟସ୍ତ
ଆପଣା ହସ୍ତରେ ଜିହ୍ୱାକୁ ଛେଦିଣ
ଭାଗ୍ୟକୁ ନିନ୍ଦଇ ସେତ॥

ଜଳି ପୋଡ଼ି ଯିବ ଏ ସୁନ୍ଦର ଧରା
ଜଳ କଷ୍ଟେ ଯିବେ ମରି
ଆଗାମୀ ଭବିଷ୍ୟ ଘୋର ଅନ୍ଧକାର
ବିପଦ ସଙ୍କେତ ଜାରି॥
କୋଠା ଅଟ୍ଟାଳିକା ଗଲା ବଢ଼ି ବଢ଼ି
ଜଙ୍ଗଲ ହୋଇଲା ପଦା
ଦୁଃସାଧ୍ୟ ରୋଗରେ ନର ଛଟପଟ
ଅଂଶୁଘାତ ଦିଏ ବାଧା॥
ସୃଷ୍ଟିର ସୁରକ୍ଷା କରିବା ଆମେ
ଆମ ହାତେ ଚାବିକାଠି
ଖୋଲିଦେବା ତାଲା ହୋଇ ସଚେତନ
ଗଛ ଲଗାଇବା ଆଜି॥

କୋରାପୁଟ



# ନିଦାଘର ସ୍ୱର

ଆରତୀ ପ୍ରହରାଜ

ଝିଙ୍କାରୀର ଝଙ୍କାର ତୋଳି
ଝାଞ୍ଜି ପବନର ତପତ ଦୋଳି
ଆଉ ଝାଉଁବଣର ସୁଉ ସୁଉ ତାଳରେ
ଝିରିଝିରି ଝରି ଆସେ କାହାର ଏ ସ୍ୱର
ଏ ତ ନିଦାଘର...ଏ ତ ନିଦାଘର
ନିଦାଘ ନେଇ ଯାଏ ପ୍ରକୃତିର ସରସତା
ନେସିଦେଇ ଯାତନା ବାଢ଼ିଦିଏ ବ୍ୟାକୁଳତା
ସବୁଜିମା ସରି ସରି ଆସେ
ବସନ୍ତ ହୁଏ ନିରୁଦ୍ଦିଷ୍ଟ
ଆଖି ମିଟିକା ମାରେ ମରିଚୀକା
ସବୁଜ ଭୂମି ରଙ୍ଗ ବଦଳାଏ ଧୂସର ରଙ୍ଗ
ନିଦାଘର ନିନାଦ ଦାନବର ଛାୟା
ଛିନ୍ ଭିନ୍ କରୁଣିକା ନୁଖୁରା ତା' କାୟା
ହେଲେ ସେ ତ ହିତକର ଏହି ପୃଥିବୀର
ନିଦାଘ ତ ଜନନୀ ନୀରର
କଷ୍ଟ ନ ଥିଲେ ମାତୃତ୍ୱ କାହିଁ
ଦୁଃଖ ନଥିଲେ ସୁଖ ବି ନାହିଁ
ଆତୁର ବିନା ତ ଆନନ୍ଦ ଆନମନା
ଛାଇ କରେ ଶୀତଳର ବନ୍ଦାପନା
ସବୁକିଛି ସଜାସଜି ଖଞ୍ଜାଖଞ୍ଜି
ଆଉ ସବୁ ତ ଅଙ୍ଗାଙ୍ଗୀ
ଏକ ବିନା ଆରେକକୁ ଭାବିବା ହିଁ ଅବାନ୍ତର
ଏଇ ତ ନିଦାଘର ସ୍ୱର

ଯାହା ଚାହେଁ ମନ ଯାହା ଚାହେଁ ପ୍ରାଣ
ଆଉ ଯାହା ଚାହେଁ ପ୍ରତିଟି ଜୀବନ
ଭଲ ପାଇଁ ମଙ୍ଗଳ ପାଇଁ
ଜିଇଁବା ପାଇଁ ନିଦାଘର ସମର୍ପଣ
ଜାଳି ଦିଏ ଅପରକୁ ନିଜେ ଜଳି ଜଳି
ଚାତକ ଚାହିଁ ରହିଲେ ସିନା ବରଷିବ
ଶୋଷିଲା ହେଲେ ହିଁ ଜଳର ସ୍ୱାଦ ପରଖିବ
ସବୁକିଛି ଛନ୍ଦାଛନ୍ଦି ଯୋଡ଼ାଯୋଡ଼ି
ଜଣକର ଅନ୍ତର୍ଦ୍ଧାନେ ଆଉ ଜଣେ ମାରେ ଉଙ୍କି
ଲୁଚାଛପା ଖେଳ ଆମୋଦଦାୟକ ମନମୋହକ
ଆନନ୍ଦ ସବୁରି ଆନନେ
ନିଦାଘ ନିଆଁରେ ନାଲି ପଡ଼ିଯାଏ ମନ
ଲିଭିଯାଏ ସିନା... ଛାଡ଼ିଯାଏ ଛାପ
ଏଇ ତ ଋତୁ ଚକ୍ରର ପରିବର୍ତ୍ତନ
ସମୟର ବିଭାଜନ
ପ୍ରକୃତିର ଆୟୋଜନ
ଭାବନାର ସଂପ୍ରସାରଣ
ଜୀବନର ମୂଲ୍ୟାୟନ
ନିଦାଘର ଅପସାରଣ।

ଭୁବନେଶ୍ୱର

# ନିଦାଘର ଦୃଶ୍ୟ

ସଂଯୁକ୍ତା ଚମ୍ପତିରାୟ

ବରଷକ ବାରମାସ ଲୋ ସଜନୀ
ବରଷକ ବାରମାସ,
ଛଅ ଋତୁ ନେଇ ଆସଇ ବରଷ
ନିଦାଘେ ବଉଳ ବାସ।

ଧରାପୃଷ୍ଠେ ଆମେ ଅନୁଭବ କରୁ
କେବଳ ତିନୋଟି ଋତୁ,
ବର୍ଷା ଶୀତ ସହ ଗ୍ରୀଷମ ଆସଇ
ଏଇ ଧରଣୀରେ କିନ୍ତୁ।

ଗ୍ରୀଷମ ଆଣଇ ପ୍ରଚଣ୍ଡ ଉତ୍ତାପ
ସହିବା ବଡ଼ କଠିନ,
ନିଦାଘ ଅଟଇ ବଡ଼ ନିଦାରୁଣ
ଶୀତଳତା ଖୋଜେ ମନ।

ବିଧିର ନିୟମ ଅଟଇ ଯେ ଏହି
ଏକ ପରେ ଆନ ଆସେ,
ବନ ଉପବନ ଚାରିଆଡ଼ ପରା
ବଉଳ ବଉଳ ବାସେ।

କୋଇଲିର କୁହୁ ତାନ ଆଣିଦିଏ
ମନରେ ନୂଆ ପୁଲକ,
ଆମ୍ବ ପାଚେ ପୁଣି ପଣସ ପାଚଇ
ଦେଖଲୋ ସଜନୀ ଦେଖ।

ପଶୁପକ୍ଷୀଠାରୁ ଗଛଲତା ଯାଏ
ଜଳକଷ୍ଟ ଭୋଗିଥା'ନ୍ତି,
ନିଦାଘ ଶେଷରେ ବର୍ଷାଜଳ ପାଇଁ
ଚାତକ ପରି ଚାହିଁଥା'ନ୍ତି।

ସବୁ ପରେ ପୁଣି ମନ ହରସରେ
ଶ୍ରୀକ୍ଷେତ୍ରେ ଭଉଁରୀ ହୁଏ,
ମହାପ୍ରଭୁଙ୍କର ଚନ୍ଦନ ଯାତରା
ସଭିଙ୍କ ମନକୁ ମୋହେ।

ନାରୀଏ ପାଳନ୍ତି ସାବିତ୍ରୀ ବ୍ରତକୁ
ସ୍ୱାମୀଙ୍କ ମଙ୍ଗଳ ପାଇଁ,
ଶୀତଳ ଷଷ୍ଠୀରେ ଶିବ ପାର୍ବତୀଙ୍କ
ବିବାହ ପର୍ବ ପଡ଼ଇ।

ନିଦାଘର କଷ୍ଟ ନ ଭୋଗିଲେ କିନ୍ତୁ
ବରଷା ଆଣେନା ସୁଖ,
ସଂସାର ନିୟମ ଗ୍ରୀଷ୍ମ ପରେ ବର୍ଷା
ଦୁଃଖ ପରେ ଥାଏ ସୁଖ।

ଜଙ୍କିଆ, ଖୋର୍ଦ୍ଧା



# ନିଦାଘ

ଜ୍ୟୋତିପ୍ରଭା ପଟ୍ଟନାୟକ

ଫଗୁଣ ଚଇତ ମଳୟ ବସନ୍ତ
ଫେରିଲେ କର୍ତ୍ତବ୍ୟ ସାରି,
ବୈଶାଖ ଓ ଜ୍ୟେଷ୍ଠ ଉତ୍ତପ୍ତ ଅତିଷ୍ଠ
ନିଦାଘ ଆସଇ ମାଡ଼ି
ସ୍ରଷ୍ଟାଙ୍କର ଏହି ବିଚିତ୍ର ସୃଷ୍ଟିରେ
ସମସ୍ତେ ନିୟମେ ବନ୍ଧା
ଗ୍ରୀଷ୍ମ, ବର୍ଷା ସାଥେ ଶରତ, ହେମନ୍ତ
ଶୀତ ଓ ବସନ୍ତ ଛନ୍ଦା
ପଣା ସଂକ୍ରାନ୍ତିରୁ ବିଷୁବରେଖାରେ
ସୂର୍ଯ୍ୟଙ୍କର ଅବସ୍ଥାନ
ମହାକାଶର ଏ ଜାଗତିକ ଦୃଶ୍ୟ
ଦିନ ବଡ଼ ରାତି ସାନ
ମାଟି ମାଆ କୋଳ ଉତ୍ତପ୍ତ ପ୍ରବଳ
ସୂର୍ଯ୍ୟଙ୍କ ରଶ୍ମି ପ୍ରଖର
ଜଳ ବିନା ପ୍ରାଣୀ ଛଟପଟ ହୁଏ
ଶୁଷ୍କ ନଦୀ ନାଳ ଜଳ
ଝାଳ ଗମଗମ ଦେହରୁ ବହଇ
ଶୁଖଇ ଜଳୀୟ ଅଂଶ
ପଣା, ଆଖୁରସ, ଦହି, ସରବତ
ପଖାଳରେ ମେଣ୍ଟେ ଶୋଷ
ଉଷ୍ମ ବାୟୁ ଗତି ପ୍ରଖର ହୁଅଇ
ଅଗ୍ନି ଭୟ ଲାଗି ରହେ

ପଣା ସଂକ୍ରାନ୍ତି, ହନୁମାନ ଜୟନ୍ତୀ
ବିଷୁବ ମିଳନ କହେ
ନିଦାଘରୁ ରକ୍ଷା ପାଇବା ପାଇଁକି
ରହିଛି ବିଧି ବିଧାନ
ତୁଳସୀ ଚଉରା ପରେ ବସୁନ୍ଧରା
ଠେକି ବାନ୍ଧି ଜଳ ଦାନ
ବଢ଼େ ଖରା ତେଜ ନିଦାଘ ସମୟେ
ଅଂଶୁଘାତ ପ୍ରତି ଭୟ
ଛତା,ଜୋତା,ପାଣି ବୋତଲ ସାଥିରେ
ଦରକାର ଥିଲେ ଯାଅ
ଆଟୁ ମାରଦା ଘର ଦେଖିବା ସପନ
ଧାଡି କଂକ୍ରିଟ ଜଙ୍ଗଲ
ଗଛ କାଟି ତୋଟା କରିଦେଲେ ପଦା
ବାଟୋଇଟି କଲବଲ
ତାଳପତ୍ର ପଙ୍ଖା, ବାଉଁଶ ବିଞ୍ଚଣା
ନିଦାଘ ସମୟ ସାଥି
ଜିଇ ଥାଉଥାଉ ପ୍ରାଣ ସଂକଟରେ
ବିଦ୍ୟୁତ କଟିଲା ଯଦି
ମଲ୍ଲି, ଜୁଇ, ଜାଇ,ନିଦାଘ ରାତିରେ
ଫୁଟି କହୁଥାନ୍ତି କଥା
ବସନ୍ତ ବିଦାୟ ନେଲେଣି ଯେବେଠୁ
ନିଦାଘ ଦେଉଛି ବ୍ୟଥା
ନିଦାଘ ବେଳାରେ ଦଣ୍ଡନାଚ ହୁଏ
ନିଆଁଗାଡ଼ ଝାମୁଯାତ୍ରା

ମୁଠି ଅନୁକୂଳ କରେ ଚାଷୀଭାଇ
ଆମ ସଂସ୍କୃତି ନିଆରା
ଗ୍ରୀଷ୍ମର ପ୍ରକୋପ ଅସହ୍ୟ ହୁଅଇ
ପ୍ରଭୁ ଚନ୍ଦନ ଲାଗି ହୁଅନ୍ତି
ପବିତ୍ର ନରେନ୍ଦ୍ର ଜଳେ ଜଗନ୍ନାଥ
ନୌକା ବିହାର କରନ୍ତି
ରଜ ଓ ସାବିତ୍ରୀ ଦୁଇ ବଡ଼ ପର୍ବ
ମିଳଇ ରସାଳ ଫଳ
ଆମ୍ବ, ପଣସ, ସପୁରୀ, ଖଜୁରି
ଜାମୁକୋଳି, ଜାମୁରୋଳ
ଅବଶ୍ୟ ନିଦାଘ ଦିଏ କଷ୍ଟ ତାପ
ତଥାପି ସେ ଉପକାରୀ
ବାଷ୍ପୀଭୁତ ଜଳ ମେଘ ଆକାରରେ
ବରଷା ପଡ଼ଇ ଝରି
ରକ୍ଷ ବସୁନ୍ଧରା ସବୁଜ ଶ୍ୟାମଳ
ଥୁଣ୍ଟାଗଛ ପଲ୍ଲବିତ
ସୁଖ ଦୁଃଖ ଆମ ଜୀବନର ସାଥି
ନିଦାଘକୁ ମଣ ହିତ
ସତର୍କତା ଯଦି ପାଳନ କରିବା
ନିଦାଘେ ନ ଥିବ ଭୟ
ବରଷା ଋତୁରେ ଲଗାଇବା ବୃକ୍ଷ
ପରିବେଶ ପ୍ରତି ରଖି ଲୟ

ଖୋର୍ଦ୍ଧା

# ନିଦାଘ

**ବୀଣାପାଣି ଦେବୀ**

ବଇଶାଖ ମାସ ଦିଏ ବଡ଼ କଷ୍ଟ
ଖରା ମାରେ ଚାଇଁ ଚାଇଁ
ନିଦାଘେ ଆକାଶୁଁ ନିଆଁ ବର୍ଷା ହୁଏ
ଉତ୍ତାପ ନ ହୁଏ ସହି
ଜ୍ୟେଷ୍ଠ ମାସ କଷ୍ଟ ଲାଗଇ ବହୁତ
ବହଇ ଝାଞ୍ଜି ପବନ
ଉତ୍ତାପ ବଢ଼ଇ ରୌଦ୍ରତାପ ପାଇଁ
ଅସ୍ତବ୍ୟସ୍ତ ହୁଏ ପ୍ରାଣ
ନିଦାଘରେ ମାସ ଅଟେ ଗ୍ରୀଷ୍ମ ଋତୁ
ନ ମିଳଇ ଟୋପେ ଜଳ
ତୃଷ୍ଣା ହରିବାକୁ ପାଣି ମିଳେ ନାହିଁ
ଜୀବଜଗତ ଆକୁଳ
ବୃକ୍ଷରାଜି ସବୁ ଶୁଷ୍କ ଦିଶୁଥାନ୍ତି
ଶିରୀ ହୀନ ସବୁଜିମା
ନଦୀ ପୁଷ୍କରିଣୀ ଶୁଷ୍କ ହୁଏ ପାଣି
ବାଷ୍ପ ରୂପେ ହୁଏ ଜମା

ଅଂଶୁଘାତ କୋପ ଶରୀରର ତାପ
ବେଳୁ ବେଳ ବୃଦ୍ଧି ପାଏ
ମୁଣ୍ଡଫଟା ଖରା ନିଦାଘରେ ଧରା
ଆଉଟୁ ପାଉଟୁ ହୁଏ
ନିଦାଘେ ଚନ୍ଦନ ଚାପରେ ଠାକୁର
ହୁଅଇ ଚନ୍ଦନ ଯାତ୍ରା
ଚନ୍ଦନ କର୍ପୂର ଦେହେ ବୋଳି ଦେଇ
ହରନ୍ତି ନିଦାଘ ବ୍ୟଥା
ଋତୁ ଚକ୍ର ମାନି ନିଦାଘେ ଗ୍ରୀଷମ
ଆସଇ ଧରା ଧାମକୁ
ବହି ଯାଏ ଝାଳ ପ୍ରବଳୁ ପ୍ରବଳ
ସୁସ୍ଥ ରଖେ ଶରୀରକୁ
ନିଦାଘରେ ବନ୍ଧୁ ଅଟନ୍ତି ପାଦପ
ଦିଅନ୍ତି ଶୀତଳ ଛାୟା
କାଟ ନାହିଁ ଗଛ ବୁଝ ତା' ମହତ୍ତ୍ୱ
ହସିବ ଆମ ଦୁନିଆ

ବାଣପୁର,
ଖୋର୍ଦ୍ଧା



# ଗ୍ରୀଷ୍ମ ପ୍ରବାହ

କାହ୍ନୁ ଚରଣ ମିଶ୍ର

କ୍ରମେ ମଧୁ ଅନ୍ତେ ଆସଇ ଜଗତେ
ଗ୍ରୀଷମ ଋତୁର ଖରା
ଉତପ୍ତ ହୁଅଇ ଝାଞ୍ଜି ବହୁଥାଇ
ଶୁଷ୍କ ହୋଇଥାଏ ଧରା।
ସୂର୍ଯ୍ୟଙ୍କର ତାପ ବଢ଼ିଯିବା ଯୋଗୁ
କଷ୍ଟ ହୁଏ ଯାତାୟାତ
ଚାଇଁ ଚାଇଁ ଖରା ଛୁଞ୍ଚି ଭଳି ଲାଗି
ହୁଏ କେବେ ଅଂଶୁଘାତ।
ନଦୀନାଳ ଶୁଖି ପଡ଼େ ଜଳକଷ୍ଟ
ଜନ-ଜୀବ ହନ୍ତ-ସନ୍ତ
ପଶୁପକ୍ଷୀ ପ୍ରାଣୀ ଖୋଜୁଥା'ନ୍ତି ପାଣି
ବୁଲୁଥା'ନ୍ତି ଇତ-ସ୍ତତ।
ଚାତକ ପକ୍ଷୀଟି ଚାହିଁ ରହିଥାଏ
କେବେ ହୋଇବ ବରଷା
ବର୍ଷା ହେଲେ ଯାଇ ପିଇବ ସେ ପାଣି
ମେଣ୍ଟାଇବ ତା'ର ତୃଷା।

ବୃକ୍ଷତଳ ଛାଇ ଦିଅଇ ଆରାମ
ଭୁଲି ତା'କୁ ହେବନାହିଁ
ଖରାବେଳେ ଟିକେ ବସିଗଲେ ମୂଳେ
ନିଦ ଆସିଯାଏ ଛାଇଁ।
ଜାଣୁନି ମନୁଷ୍ୟ ରାସ୍ତାକଡ ବୃକ୍ଷ
କାଟି ପଦା କରୁଅଛି
ନିର୍ଦ୍ଧୁମ ଖରାରେ ପଥଚାରୀଟିଏ
ଛାଇ ଟିକେ ଖୋଜୁଅଛି।
ପ୍ରଚଣ୍ଡ ଖରାରୁ ପାଇବାକୁ ରକ୍ଷା
ହେଲେ ପିନ୍ଧ ପାଦେ ଯୋତା
ମୁଣ୍ଡେ ଧଳା ଟୋପି ପିନ୍ଧି ଧଳା କୁର୍ତ୍ତା
ମୁଣ୍ଡରେ ମୁଣ୍ଡାଅ ଛତା।
ସଙ୍ଗେ ନେଇ ଚାଲ ପାଣି ବୋତଲକୁ
ପିଇ ଦେବ ହେଲେ ଶୋଷ
ଏପରି କରିଲେ ବଞ୍ଚି ଯିବା ସବୁ
ଅଂଶୁଘାତ ହେବ ନାଶ।

ଟାଙ୍ଗି,
ଖୋର୍ଦ୍ଧା

# ନିଦାଘ

**ବନ୍ଦନା ମହାପାତ୍ର**

ଋତୁରାଜଙ୍କର ରାଜୁତି ସମାପ୍ତ
ନିଦାଘଙ୍କ ଆଗମନ
ବସୁମତୀ ମାଆ ଜଳୁଛି ନିଦାଘଇ
ଦହମହ ଜନପ୍ରାଣ।

ଅତିଷ୍ଠ ଧରଣୀ ଉତପ୍ତ ଗ୍ରୀଷ୍ମରେ
ବୈଶାଖୀ ଝାଞ୍ଜି ଖରା
ସ୍ରଷ୍ଟାଙ୍କ ସୃଷ୍ଟିରେ ଗ୍ରୀଷ୍ମ, ଶୀତ, ଶରତ
ବସନ୍ତ, ହେମନ୍ତ ବର୍ଷା ଧାର।

ଦିନ ବଡ଼ ରାତି ସାନ ସୂର୍ଯ୍ୟଙ୍କ ତେଜ
ସୁଖେ କୂଅ, ନଈ ନାଳ
ଜଳ ସଂକଟରେ ଛଟପଟ ସର୍ବେ
ତ୍ରାହି ତ୍ରାହି ଡାକ ଜଳ।

ଖରା ଚାଇଁ ଚାଇଁ ମୁଣ୍ଡ ଝାଇଁ ଝାଇଁ
ଅଂଶୁଘାତ ଭୟଙ୍କର
ପାଦେ ଜୋତା ଛତା ତଳାରି ମୁଣ୍ଡରେ
ବିନା ନ ହୁଏ ବାହାର।

ବିଷୁବ ସଂକ୍ରାନ୍ତି, ମେରୁଯାତ୍ରା ପର୍ବ
ହନୁମାନ ଜନ୍ମ ଦିବସ
ପଣା ସଙ୍କରାନ୍ତି ସୂର୍ଯ୍ୟଙ୍କୁ ପୂଜନ୍ତି
ବ୍ରାହ୍ମଣଙ୍କୁ ଦାନ ବସ୍ତ୍ର।

ଶିବ ବିବାହ ଶୀତଳ ଷଷ୍ଠୀ ଯାତ୍ରା
ସାବିତ୍ରୀ ଅମାବାସ୍ୟା
ଚନ୍ଦନ ଲେପନ ଚନ୍ଦନ ଯାତରା
ନାବ କେଳି ହଜାଏ ତୃଷ୍ଣା।

ସାବଧାନ ହେବା ନିଜେ ନିଜକୁ ହେ
ସଭିଙ୍କୁ ବୁଝେଇଦେବା
ଅତି ଖରା ବେଳେ ଘରୁ ନ ବାହାରି
ପାଣି ସଙ୍ଗେ ଛତା ନେବା।

ତୋରାଣି ପିଇବ ପଖାଳ ଖାଇବା
ମୁଣ୍ଡରେ ଓଦା ଗାମୁଛା
ବୃକ୍ଷ ଛାଇ ତଳେ ଆଶ୍ରୟ ନେବା ଟି
ହେଲେ ନାହିଁ ବୃକ୍ଷ ଛାୟା।

ନିଦାଘେ ରଜର ପରବ ଆମର
ରଜଦୋଳି ତୋଟାମାଳେ
ପିଠାପଣା କେତେ ଦିଆନିଆ ପର୍ବ
ବନ୍ଧୁବାନ୍ଧବ ଗହଳେ।

ଯେତିକି ବିଷମ ସେତିକି ଆନନ୍ଦ
ନିଦାଘ ଆଣଇ ବାର୍ତ୍ତା
ଶାନ୍ତି, ସ୍ନେହ ମୈତ୍ରୀ, ବିଶ୍ୱଭ୍ରାତୃ ଭାବ
ଏକତାର ମନ୍ତ୍ର ଗାଥା।

ବ୍ରହ୍ମପୁର,
ଗଞ୍ଜାମ

# ନିଦାଘ

**ବିଷ୍ଣୁପ୍ରିୟା ପ୍ରତାପସିଂହ**



ଷଡ ଭଗିନୀର ଅପୂର୍ବ ସଂଯୋଗେ
ଧରା ହୁଏ ଆତଯାତ
ବିଧିର ନିର୍ଦ୍ଦେଶେ ଆସନ୍ତି ମରତ
ଧରି ଜଣେ ଆନ ହାତ।
ଫଗୁଣର ଅନ୍ତ ହୁଅଇ ଯେମନ୍ତ
ଗ୍ରୀଷମ ହୁଅଇ ପ୍ରବେଶ
ଉତ୍ତପ୍ତ ପବନ ବହଇ ଯେ ଘନ
ଯାତାୟତ ହୁଏ କଷ୍ଟ।
ନଦୀନାଳ ସବୁ ହୋଇଯାଏ ଶୁଷ୍କ
ଜୀବନଟା ଅସ୍ତବ୍ୟସ୍ତ
ପଶୁପକ୍ଷୀଗଣ ଏଣେତେଣେ ବୁଲି
ପାଆନ୍ତି କଷ୍ଟ ବହୁତ।
ଚାତକ ପକ୍ଷୀଟି ଆକାଶକୁ ଚାହିଁ
ଲୋଡ଼ଇ ବରଷା ପାଣି
ଭିଜା ବରଷାରେ ତୃଷା ମେଣ୍ଟାଇବ
ସତେ କି ସରଗ ଜିଣି।

ନିଦାଘ ବି ଆଣେ କେତେ ପରବ
ପଣା ସଙ୍କରାନ୍ତି ଶ୍ରେଷ୍ଠ
ମହାବୀରଙ୍କର ଜନମ ଦିବସ
ଓଡ଼ିଆର ନବବରଷ।
ସେହି ଦିବସରୁ ବିଷୁବରେଖାରେ
ସୂର୍ଯ୍ୟ ହୁଅନ୍ତି ଅବସ୍ଥିତ
ମହାକାଶର ଏ ମହାନ ପରବ
ଦେଖି ଲାଗେ ଆଚମ୍ବିତ।
ଦିବସ ବଢଇ ହୁଅଇ ରାତ୍ରି ସାନ
ଏ ତ ନିୟତି ନିୟମ
ବଢଇ ନିଦାଘ ଧରା ହୁଏ ଶୁଷ୍କ
ସବୁଜିମା ହୁଏ କ୍ଷୁର୍ଣ୍ଣ।
ଅଂଶୁଘାତ କୋପ ଶରୀର ଉତ୍ତାପ
ବେଳୁବେଳ ବଢ଼ିଯାଏ
ଛାୟା ତଳେ ଆଶ୍ରା ଟିକେ ଖୋଜି
ମନୁଷ୍ୟ ବିକଳେ ଧାଏଁ।
ମହାପ୍ରଭୁଙ୍କର ଚନ୍ଦନଯାତରା
ଚାପଖେଳେ ସଭିଏଁ ଯାଆନ୍ତି ମଜି
ଭୁଲି ଦୁଃଖ କ୍ଳେଶ ହୋଇ ଏକ ମେଳ
ଭାଇଚାରା ଦିଅନ୍ତି ବାଣ୍ଟି।

ନିଦାଘ ସମୟେ ପାଟଦଣ୍ଡ ଧରି
ଦଣ୍ଡୁଆ ହୁଅନ୍ତି ସଜ
ଗାଁଆ ଗାଁଆ ହୁଏ ଉତ୍ସବମୁଖର
ଶିବଙ୍କର ଆବିର୍ଭାବ।
ଚମ୍ପା କନିଅର ଟଗର ମନ୍ଦାର
ପୁଷ୍ପର ସମ୍ଭାରଧରି
ଧରଣୀରାଣୀର ଦ୍ୱିଗୁଣିତ ଆଭା
ଅବା କି ସରଗପୁରି।
ଆମ୍ବ ପଣସର ମହମହ ବାସ
ତା' ସାଙ୍ଗକୁ ପକ୍ୱରମ୍ଭା
ଥଣ୍ଡା ପାନୀୟର ଆସର ଜମଇ
ଲୋକେ ହୋଇଯା'ନ୍ତି ଉଭା।
ଯେତିକି ଯନ୍ତ୍ରଣା ସେତିକି ଆନନ୍ଦ
ଦେଇଛି ଗ୍ରୀଷମ କାଳ
ଲଗାଇବା ଗଛ ନ କାଟି ଆଉ
ଧରିତ୍ରୀ ହେବ ଶୀତଳ।

**ଗୋବର୍ଦ୍ଧନପୁର, ଭୂଷଣ୍ଡପୁର,
ଖୋର୍ଦ୍ଧା**

# ନିଦାଘରେ ଧରା

**ସ୍ୱପ୍ନାରାଣୀ ପାଣିଗ୍ରାହୀ**



ଋତୁଚକ୍ରେ ଗ୍ରୀଷ୍ମ ପ୍ରଚଣ୍ଡ ଉତ୍ତାପେ
ଅବନୀରେ ଅବତୀର୍ଣ୍ଣ
ଅଂଶୁମାନ ତୀକ୍ଷ୍ଣ ଅଂଶୁ ଯେ ଅସହ୍ୟ
ବିଚିତ୍ର ବିଧ୍ ବିଧାନ।

ରୁକ୍ଷ ନିଦାଘର ବୈଶାଖୀ ପବନ
ଉତ୍ତଳା ପ୍ରବାହ ଦେଖ୍
ଅପସରିଯାଏ ବିଳାସୀ ବସନ୍ତ
ଏ ପ୍ରକୃତିରାଣୀ ସାକ୍ଷୀ।

ଦିବାଭାଗ ହୁଏ ଦୀର୍ଘତର ପୁଣି
କ୍ଷୟ ରଜନୀ ଆୟୁଷ
ସାୟାହ୍ନ ସମୀରେ ଶ୍ରମଜୀବୀ ପ୍ରାଣ
ଲଭଇ ଅମୃତ ସ୍ପର୍ଶ।

ପୂର୍ଣ୍ଣଗର୍ଭା ଜଳଭାଗ ଶୂନ୍ୟଗର୍ଭା
ଶୁଷ୍କ ନଦୀ-ପୁଷ୍କରିଣୀ
ବୃକ୍ଷ ବଲ୍ଲରୀର ସବୁଜ ସୁଷମା
ବିବର୍ଣ୍ଣ କରେ ତାପାଗ୍ନି।

ତରଭୁଜ, ତାଳ, ପଣସ,ସପୁରୀ
ବିଲ୍ୱ, ଖର୍ଜୁର ଯେ ଫଳ
ଗ୍ରୀଷ୍ମ ତାପକ୍ଲିଷ୍ଟ ଜନପ୍ରାଣୀ ପାଇଁ
ପ୍ରକୃତିର ଉପଚାର।।

ନିଦାଘ-ନିଘନ ଧରଣୀ ବୁକୁରେ
ମହା-ବିଷୁବ ସଂକ୍ରାନ୍ତି
ତୁଳସୀ ବୃକ୍ଷରେ ଜଳର ଘଟିକା
ପବିତ୍ର ମନରେ ତୃପ୍ତି।

ଶୈବ, ଶାକ୍ତ ପୀଠେ ନିଷ୍ଠାର ସାଧନା
ପାଟୁଆ ଯାତ୍ରା ବିଶେଷ
ଧୂମଳ-ଧୂସର ଧରାରେ ମହକେ
ଚମ୍ପା, ମଲ୍ଲୀ, ପଦ୍ମ ବାସ।

ସାବିତ୍ରୀ ବ୍ରତରେ ସୀମନ୍ତିନୀ ମାଗେ
ଆୟୁ, ଆରୋଗ୍ୟ ପତିର
ସମର୍ପି ସିନ୍ଦୁର, ଶଙ୍ଖା, ନବବସ୍ତ୍ର
ପକ୍ୱଫଳର ସମ୍ଭାର।

କାଳବୈଶାଖୀର ଭୟାବହ ରୂପ
ନାଚୁଥାଏ ମେଘମାଳ
ଚପଳା ଚମକେ ବଜ୍ରପାତ ସାଥେ
ଘୋଟେ ପୁଣି ଅନ୍ଧକାର।

ଅନ୍ତର ତଳେ ତା' ପ୍ରୀତିର ଝରଣା
ଜଳଚକ୍ର କରେ ସୃଷ୍ଟି
ଘନୀଭୂତ ଜଳକଣା ଆକାଶରୁ
ଧରଣୀ ଦେହରେ ବୃଷ୍ଟି।

ଦାରୁଣ ହେଲେବି ନିଦାଘର ଦାଉ
ତା' ପାଇଁ ବାରିବର୍ଷଣ
ଲଭଇ ଆନନ୍ଦ ଉଲ୍ଲସିତ ପ୍ରାଣ
ଲେପି ଶୀତଳ ଚନ୍ଦନ।

ଜଳ ପରିବେଶ, ଖାଦ୍ୟକ୍ଷେତ୍ର ପାଇଁ
ଭୂମିକା ତା' ମହନୀୟ
ବିଧାତା ବିଧାନେ ନିଦାଘ କାଳଟି
ସଦା ଅଭିନନ୍ଦନୀୟ।

**ମୁକୁନ୍ଦପ୍ରସାଦ,
ଖୋର୍ଦ୍ଧା**

# ନିଦାଘ

ସନ୍ତୋଷିନୀ ଦାଶ



ରତୁରାଜ ବସନ୍ତର ପରେ ପରେ
ଆସଇ ପ୍ରବଳ ଖରା
ସହିବାକୁ ପଡ଼େ ଝାଞ୍ଜିର ପ୍ରକୋପ
ଉତ୍ତପ୍ତ ହୁଅଇ ଧରା

ବାହାରକୁ ଗଲେ ଛତା ଜୋତା
ପାଣିବୋତଲ ହୁଅଇ ସାଥି
ଏ ସବୁକୁ ପାଖେ ରଖିଥିଲେ
ଅଂଶୁଘାତରୁ ମିଳଇ ମୁକ୍ତି

ପଥିକ ମାନଙ୍କୁ ଶାନ୍ତି ଦେବାପାଇଁ
ଖୋଲାହୁଏ ଜଳଛତ୍ର
ମାଟି ମାଠିଆର ସୁଶୀତଳ ଜଳ
ପୁଲକିତ କରେ ଗାତ୍ର

ମିଳେ ତାଳସଜ ଆମ୍ବ ତରଭୁଜ
ଖାଇବାକୁ ଲାଗେ ମଜା
ବଇଶାଖ ମେଳା ପାଳନ ପାଇଁକି
ମଣ୍ଡପ ହୁଅଇ ସଜା

ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁଁ
କେବେ ଆସଇ କାଳବୈଶାଖୀ
ଅସ୍ତବ୍ୟସ୍ତ ଜନଜୀବନ ହୁଅଇ
ଫସଲ କରଇ କ୍ଷତି

ଯନ୍ତ୍ରଣାଦାୟକ ହେଲେ ହେଁ
ନିଦାଘ କରଇ ଅବନୀ ହିତ
କରେ ମେଘ ସୃଷ୍ଟି ହୁଅଇ ବୃଷ୍ଟି
ହୁଅନ୍ତି ତରୁଲତା ପଲ୍ଲବିତ

ବରଗଡ

# ନିଦାଘ



## ପୁଷ୍ପାଞ୍ଜଳି ପଣ୍ଡା

ନିଆଁଲଗା ନିଦାଘଟା
ମୋ' ଗାଁ ସୀମା ଆରମ୍ଭରୁ
ଝୁଣ୍ଟି ପଡେ ତୋଫାଖରା
ଚୁବି ହୁଡାବନ୍ଧ ସେପଟରୁ ।।

ସକାଳର କଅଁଳ କିରଣ
ଧିରେ ଧିରେ ଆସେ ଯୁବା ହୋଇ
ଖରା ରଙ୍ଗେ ସୁନ୍ଦର ସୁଷମା,
ସତେ ଅବା ପ୍ରୌଢ଼ଟିଏ କେହି ।।

ସଙ୍କୁଚିତ ସବୁଜିମା ଘାସ ଗାଲିଚାରେ
ଶୋଇଥାଏ ଦିପହର ଶେଷ ଠିକଣାରେ ।।

ଧୂସର ମାଟିର ରଙ୍ଗ ମାଖି ହୋଇ ଧରା
ଅବିଶ୍ରାନ୍ତ ଚୁମୁଥାଏ ବକ୍ଷ ତାତିଭରା।।

ଶୀତଳ ଗୋଧୂଳି ସନ୍ଧ୍ୟା
ସାଜିଥାଏ ଅଗ୍ନୀବର୍ଷୀ କନ୍ୟା
ଅସହଣୀ ଗୁଳୁଗୁଳି ଭାବ ଭରେ
ଗରମରେ ଜଡଜୀବ ଧନ୍ୟା..!!

ନଦୀଜଳେ ସ୍ନାନାନ୍ତରେ ଗ୍ରାମ୍ୟ ବଧୂ
ଦେହ ଦାହକରେ ପ୍ରଶମିତ
ତହତହ ଗ୍ରୀଷ୍ମ ତାତି ଦିଏ ଭିତି
ଶ୍ରମ ଝାଳେ କରେ ଜର୍ଜରିତ ।।

ତାରାଫୁଲ ଫୁଟିଯାଏ ଉପର ଆକାଶେ
ନୀରୋଳା ନିସ୍ତବ୍ଧ ସେଠି ଜହ୍ନରାତି ହସେ ।।

ଉତ୍ତର ଦିଗୁ ଆଲୋକ ପୂର୍ବ ଦିଗ ଆଡ଼େ
ଚାହିଁ ଦେଖେ ଫର୍ଚା କାଳେ ସେପଟକୁ ମାଡ଼େ ।।

ତଥାପି ନିଦାଘ ପ୍ରିୟ, ଶୁଭମୟ,
ବାର୍ତ୍ତା କହେ ଆସୁଛି ଜଳଦ
ଚମକିବ ଚପଳା ଆକାଶେ
ଶୁଣାଯିବ ଘଡ଼ଘଡ଼ି ଶୁଭ ଶଙ୍ଖନାଦ ।।

ଷ୍ଟାଟିଷ୍ଟିକାଲ୍ ଅଫିସର
କେନ୍ଦ୍ରାପଡ଼ା



# ନିଦାଘ

**ବିଳାସିନୀ ଦାଶ**

ମାର୍ତ୍ତଣ୍ଡ କୋପରେ ଥରହର ସର୍ବେ
ବସୁଧା ଉଠୁଛି ଜଳି
ନିଆଁର ପିଣ୍ଡୁଳା ଦିବସେ ଖସୁଛି
ରାତି ହେଲେ ଗୁଳୁଗୁଳି ।
ଟାଇଁ ଟାଇଁ ଖରା ଦେହରେ ବାଜିଲେ
ଗମ ଗମ ବହେ ଝାଳ
ବଡଇ ବିଷମ ନିଦାଘର କାଳ
ଦେହ ଖୋଜେ ପଙ୍ଖା ତ
ପଶୁ ପକ୍ଷୀ ଗଣ ଡହଳ ବିକଳ
ଜଙ୍ଗଲରେ ଲାଗେ ନିଆଁ,
ବଣ ଜୀବ ଜନ୍ତୁ ଜୀବନ ବିକଳେ
ହୋ'ନ୍ତି ଜନ ପଦେ ଠିଆ ।
ଝିମି ଝିମି ଲାଗେ ଗୋଡ଼ ହାତ ସବୁ
ଶୋଷେ ଅଠା ଅଠା ପାଟି
ଲେମ୍ବୁ, ଦହି, ବେଲ ପଣା ଲୋଡ଼େ ମନ
କାକୁଡି, ତରଭୁଜ, ଫୁଟି ।
ନିଦାଘ ତାପରେ ଉଡ଼ିଗଲେ ହଂସା
ଦିଶଇ ପଖାଳ କଂସା,
ଜଳ ଛତ୍ର ଖୋଲେ ପଥଚାରୀ ପାଇଁ
ଦୂର କରିବାକୁ ତୃଷା ।
ପ୍ରଚଣ୍ଡ ତାପରେ ଆଖି ଝଲସଇ
ଥାଏ ଅଂଶୁଘାତ ଭୟ,
ଘରୁ ବାହାରିଲେ ଛତା, ଜୋତା,
ପାଣି ସାଥେ ରଖିବାଟି ଥୟ ।
ଖଞ୍ଜା ହୋଇଅଛି ଯେତେକ ପରବ
ଝାମୁ, ମେରୁ, ଦଣ୍ଡ ବ୍ରତ,
ପଣା ସଙ୍କରାନ୍ତି, ହନୁମାନ ଜନ୍ମ
ଶ୍ରୀକ୍ଷେତ୍ରେ ଚନ୍ଦନ ଯାତ ।

ଅକ୍ଷୟ ତୃତୀୟା, ସାବିତ୍ରୀ ଅମେଇଁସା
ଶୀତଳ ଷଷ୍ଠୀ ଉତ୍ସବ,
ବିବାହ ବନ୍ଧନ ଶିବ ପାର୍ବତୀଙ୍କ
ରଜେ ଭୂମି ପୂଜୋତ୍ସବ ।
ମଲ୍ଲୀ, ଚମ୍ପା, ମଧୁ ମାଳତୀ ମହକେ
ପରିବେଶ ସୁରଭିତ,
ପକ୍ୱ ଆମ୍ର, ଲିଚୁ, ପଣସ, ସପୁରି
ବାସେ ଚହଲଇ ଚିତ୍ତ ।
ତଥାପି ନିଦାଘ ସଞ୍ଚି ଜଳ ବାଷ୍ପ
ବରଷାର ଟାଣି କାନି,
ପକ୍ୱ ଫଳ ଗର୍ଭୁ ଭୂମିଷ୍ଠ ବୀଜରେ
ସରଜେ ଘନ ବନାନୀ ।
ବରଷାର ମଧୁ ଝଙ୍କାର ଶୁଣାଏ
ନିବାରେ ଚାତକ ତୃଷା,
ସୁନା ଫସଲର ସପନ ଦେଖାଏ
ଜମି ହଳ କରେ ଚଷା ।
ଉଜୁଡୁଛି ଆମ ପରିବେଶ ଏବେ
ଜଙ୍ଗଲକୁ ପଦା କରି,
ଶୁଖୁଅଛି କୂପ, ପୁଷ୍କରିଣୀ, ନଦୀ
ଜଳର ସଙ୍କଟ ଭାରୀ ।
ଆସ ସବୁ ମିଶି ଲଗାଇବା ଗଛ
ମିଳିବ ଶୀତଳ ଛାଇ,
ପ୍ରକୃତି ହସିବ, ପକ୍ଷୀ ବି ଫେରିବେ
ମେଘ ମହ୍ଲାର ଗାଇ ।

ମଧୁସୂଦନ ନଗର,
ଖୋର୍ଦ୍ଧା

# ଅସହ୍ୟ ନିଦାଘ

ନିରୁପମା ପାଣି

ରହି ହେଉନାହିଁ ସହି ହେଉନାହିଁ
ତାପମାତ୍ରା ବଢ଼ିଚାଲେ
ରାତିରୁ ସକାଳ ସକାଳରୁ ରାତି
ଅବିରତ ପଙ୍ଖା ଘୁରେ ॥

ପରିବେଶ ତାତି ଯାଏ
ହୁଏ ନିଆଁ ବର୍ଷା
ଖରାକୁ ଦେଖିଲେ ଏବେ
ବୁଡ଼ିଯାଏ ହଂସା॥

ଗରିବକୁ ବେଶି ବାଧେ
ଧନୀକୁ ବାଧେନା
ଅଭାବି ମଣିଷ ପାଇଁ
ପଙ୍ଖା ବି ମିଳେନା ॥

କାଟିଦେଲେ ଗଛ ସବୁ
ରାସ୍ତା କରିବାକୁ
ଗଛବିନା ବର୍ଷା ନାହିଁ
ଅଜଣା ସଭିଙ୍କୁ ॥

ଯାଗା ଯାଗା କାରଖାନା
ଧୂଆଁମୟ ପୁଣି
ଏକଥା ଏଯାଏ କେହି
ମଣିଷ ବୁଝୁନି ॥

ଗଛ କମିବାରେ ପ୍ରାଣ
ହୁଏ ଛଟପଟ
ଦେହ ଜଳିଯାଏ ଆଜି
ଲାଗେ ଅସ୍ତ ବ୍ୟସ୍ତ ॥

ଚାନ୍ଦବାଲି,
ଭଦ୍ରକ

# ପ୍ରଚଣ୍ଡ ନିଦାଘେ ଉତ୍ତପ୍ତ ଧରଣୀ

ବାସନ୍ତୀ ଦେଇ



ଷଡ଼ ଋତୁ ଚକ୍ର ଅତିକ୍ରମ କରି
ଧରାରୁ ବିଦାୟ ବସନ୍ତ
ପ୍ରଚଣ୍ଡ ନିଦାଘେ ଉତ୍ତପ୍ତ ଧରଣୀ
ଜୀବଜଗତ ପ୍ରଭାବିତ।।
ବିଷୁବ ରେଖାରେ ସୂର୍ଯ୍ୟ ଅବସ୍ଥାନ
ଲମ୍ବ କିରଣ ଉତ୍ତାପରେ
ସସାଗରା ଧରା ହୁଅଇ ଅଧୀରା
ପ୍ରଚଣ୍ଡ ରୌଦ୍ରତାପରେ।।
ପୂର୍ଣ୍ଣଗର୍ଭା ନଦୀ କୂପ ପୁଷ୍କରିଣୀ
ଶୂନ୍ୟଗର୍ଭା ହୁଏ ଅଚିରେ
ଗ୍ରୀଷ୍ମପ୍ରବାହରେ ଜୀବ ହନ୍ତସନ୍ତ
ଜଳକଷ୍ଟ ହୁଏ ଧରାରେ ।।
ନର ଜୀବଜନ୍ତୁ ପଶୁପକ୍ଷୀ ଗଣ
ଚାତକ ପରାଏ ଖୋଜନ୍ତି
ନିଷ୍ଠୁର ମାନବ ଦାନବ ସାଜିଣ
ବୃକ୍ଷକୁ ଛେଦନ କରନ୍ତି।।
ଜଳ ଅମ୍ଳଜାନ ସଭିଙ୍କ ଜୀବନ
ବୃକ୍ଷରାଜି ଆମର ମିତ
ସବୁଜ ବନାନୀ ନଷ୍ଟ କରିବାନି
ନିଦାଘେ ଆମ ମହୌଷଧ।।
ଆଧୁନିକତାର ଡିଣ୍ଡିମ ପିଟିଣ
କଳକାରଖାନା ନିର୍ମାଣ
କଂକ୍ରିଟ ଜଙ୍ଗଲ ସୃଷ୍ଟି ହେଉଅଛି
ସବୁଜ ବନାନୀ ଛେଦନ।।

ଗ୍ଲୋବାଲ ୱାର୍ମିଂ ପରିବେଶ ଶତ୍ରୁ
ଅଂଶୁଘାତକୁ ନିମନ୍ତ୍ରଣ
ଦହି ସରବତ ପଇଡ଼ ଲସିରେ
ଗରମରୁ ମିଳେ ପରିତ୍ରାଣ ।।
ନିଦାଘ ଖରାରେ ପଣା ସଂକ୍ରାନ୍ତିରେ
ପଣା ପାନ ବିଧି ଆମ ସଂସ୍କୃତି
ଠାକୁର ସମେତ ଜନସାଧାରଣ
ପଣା ସେବନେ ଆନନ୍ଦ ଲଭନ୍ତି ।।
ସୁଖଦୁଃଖ ଭଲମନ୍ଦ ଦୁନିଆରେ
ବିଧାତା ଦେଇଛି ଖଞ୍ଜିଣ
ମଲ୍ଲି ଚମ୍ପା ହେନା ମଧୁ ବାସନାରେ
ଗ୍ରୀଷ୍ମକଷ୍ଟରୁ ଉପଶମ ।।
ନିଦାଘ ଖରାରେ ଜଳ ବାଷ୍ପ ହୋଇ
ମେଘ ହୁଅଇ ସଞ୍ଚରଣ
ଗ୍ରୀଷ୍ମ ପରେ ବର୍ଷା ହୁଏ ଆଗମନ
ପୃଥିବୀକୁ କରେ ଜଳଦାନ।।
ପ୍ରଚଣ୍ଡ ନିଦାଘ ହେଲେ ହେଁ ଦାରୁଣ
ଅଟେ ଜଗତର ମିତ
ଉତ୍ତପ୍ତ ପୃଥିବୀ ହୋଇଯାଏ ଶାନ୍ତ
କରେ ଜନ ପ୍ରାଣୀ ହିତ।।

ଖୋର୍ଦ୍ଧା



# ନିଦାଘ

କଳ୍ପନା ମିଶ୍ର

ଚୋରା ଚଇତାଳି ବହୁନାହିଁ ଆଉ
ନିଦାଘ କରେ ରାଜୁତି
ଅସହ୍ୟ ଗରମେ ଉତ୍ତପ୍ତ ଧରଣୀ
କାଳବୈଶାଖୀରେ ଶାନ୍ତି ।

ଡହଡହ ଖରା ମାଡ଼ି ଆସୁଅଛି
ବଢ଼ାଇ ଉତ୍ତାପ ବେଗ
ଝାଞ୍ଜି ପବନରେ ହନ୍ତସନ୍ତ ଧରା
ଜୀବଜନ୍ତୁ ଦୁଃଖ ଭୋଗ।

ଦିନ ପରେ ମାସ ବର୍ଷ ହୋଇଥାଏ
ଋତୁ ବି ବଦଳି ଯାଏ
ବିଶ୍ୱ ଠାକୁରଙ୍କ ଅପୂର୍ବ ସୃଷ୍ଟିରେ
ପୃଥିବୀଟି ହସୁଥାଏ।

ଋତୁଚକ୍ରର ସେ ଆବର୍ତ୍ତନ ଆଜି
ବିଗିଡ଼ି ଯାଇଛି ସତେ
ମଣିଷ ହାତରେ ସୃଷ୍ଟି ଧ୍ୱଂସ ହୁଏ
ଅଗ୍ନି ବୃଷ୍ଟି ହୁଏ ମର୍ତ୍ତେ।

ସ୍ଥାବର ଜଙ୍ଗମ କୀଟ ତରୁଲତା
କାମଧେନୁ ଯେ ବରଷା
ତା' ବିନା ସୃଷ୍ଟିର ବିଲୟ ଘଟିବ
ହଜିବ ଆଶା ଭରଷା।

ଉତ୍ତାପ ବଢ଼ିଲେ ଦିନକୁ ଦିନ ତ
ଅତିଷ୍ଠ ହୁଅଇ ଧରା
ସହରୀ କରଣ ନିଶାରେ ମଣିଷ
ଭସ୍ମୀଭୂତ ହେବ ପରା।

ରାସ୍ତା ବି କଂକ୍ରିଟ୍ ଘର ବି କଂକ୍ରିଟ୍
ଘରେ ଘରେ ଚାଲେ ଏସି
ବାୟୁମଣ୍ଡଳର ଉତ୍ତାପ ବଢୁଛି
ଜଳକଣା ନିଏ ଶୋଷି।

ଭୂତଳର ଜଳ ଶୁଖିଯାଉଅଛି
ସୂର୍ଯ୍ୟଙ୍କ କୋପ ବଳରେ
ଅଂଶୁଘାତ ପରି ମରଣର ଫାଶ
ଆମ ଏ ଧରା ବକ୍ଷରେ।

ଜଳ ହିଁ ଜୀବନ ବୃକ୍ଷ ପାଇଁ ଜଳ
ମିଳେ ଏହି ପୃଥିବୀରେ
ଏହି କଥାଟିକୁ ମନରେ ହେଜିବା
ହୋଇବା ଆମେ ତତ୍ପରେ।

ଗଛ ଲଗାଇବା ପରିବେଶ ପାଇଁ
ଦୁନିଆ ଶୀତଳ ହେବ
ବିଭୁଙ୍କର କୃପା ଝରିବ ସେଥିରୁ
ନିଦାଘ ଦୁରେଇ ଯିବ।

ହରିପୁର, ସୁକିନ୍ଦା,
ଯାଜପୁର



# ନିର୍ଦ୍ଦୟ ନିଦାଘ

ସୀମା ମେହେର

ନିର୍ଦ୍ଦୟ ନିଦାଘର ଆଗମନ
ଅସ୍ତିତ୍ୱ ହରାଇଲା ରଙ୍ଗୀନ ଫଗୁଣ
ବୃକ୍ଷ, ତରୁଲତା ପତ୍ର ଶୂନ୍ୟ ହେଲେ
ହେଲା ପ୍ରକୃତି ଶ୍ରୀହୀନ।।

ଶୁଷ୍କ ତଟିନୀ ଶୁଷ୍କ ପୁଷ୍କରିଣୀ
କ୍ଷୀଣ ଝରଣାର ଜଳଧାରା।।
ଉତ୍ତପ୍ତ ମାଟି ପାଣି ପବନ
ନିର୍ଦ୍ଦୟ ନିଦାଘର ଆଗମନ।।

ମୃଦୁ ମଳୟ ସାଜିଲା ଝାଞ୍ଜି
ମନ ଚାହିଁଲା ଟୋପାଏ କାଞ୍ଜି।।
ଦୁର୍ଲଭ ହେଲା ଗଛର ଛାଇ
କେତେ ବିକଳ ବାଟୋଇ ଭାଇ।।

ମଣିଷ, ପଶୁପକ୍ଷୀ ପ୍ରାଣୀ ସକଳ
ପ୍ରଚଣ୍ଡ ରୌଦ୍ରତାପରେ କଲବଲ
ନିର୍ଜନ ଚଲାପଥ ନିସ୍ତବ୍ଧ ବାତାବରଣ
ପ୍ରକୃତିର ମଧୁରତା କିଏ କଲା ହରଣ।।

ଦୂର ବଣରୁ ଭାସି ଆସେ କୋଇଲିର କୁହୂତାନ
ଆମ୍ବ ବଉଳର ଭୁରି ଭୁରି ବାସ୍ନା
ଚୋରାଇ ନିଏ ମନ
ନିର୍ଦ୍ଦୟ ନିଦାଘର ଆଗମନ॥

ବରଗଡ଼

# ନିଦାଘ

ସୁରାତ୍ରୀ ପ୍ରଧାନ

ଚଇତିରେ ନାହିଁ ଚଇତାଳି ବାଆ
ମଳୟର ଦେଖା ନାହିଁ
ଉହକ ତାତିରେ ସିଝୁଛି ଧରଣୀ
ବସନ୍ତ ଲୁଚିଛି କାହିଁ ।।

ପ୍ରଚଣ୍ଡ ଖରାରେ ଏ ଜୀବ ଜଗତ
ଜଳୁଛି ସାରା ଦୁନିଆଁ
ଶୁଖି ଯାଉଅଛି ଯେତେ ତରୁତୃଣ
ଚାରିଆଡ଼େ ଖାଲି ନିଆଁ ।।

ପରିବେଶ ସବୁ ଲାଗେ ଖାଁଆ ଖାଁଆ
ରାସ୍ତାଘାଟ ଲୋକ ଶୂନ୍ୟ
ମରୁଭୂମି ପରି ଲାଗେ ସବୁଆଡ଼
ପୋଖରୀ ଓ ନାଳ ଶୂନ୍ୟ ।।

ଆକାଶୁ ହେଉଛି ନିଆଁର ବରଷା
ମାଟି ଯାଏ ଫାଟି ଫାଟି
ତତଲା ପବନେ ସିଝିଯାଏ ଦେହ
ସୁଖୀ ଯାଉଅଛି ତଣ୍ଟି ।।

ଗାଁଆରୁ ସହର ଶୁଷ୍କ ପରିବେଶ
ଗରମେ ସିଝି ଯାଆନ୍ତି
ପଶୁ,ପକ୍ଷୀ ଆଉ ମାନବ ସମାଜ
ତ୍ରାହି ତ୍ରାହି ଡାକୁଛନ୍ତି ।।

ପ୍ରକୃତି ତାହାର ରୂପ ବଦଳାଏ
ଗଛ ବି କାଟେ ମଣିଷ
ବୃକ୍ଷ ଛାଇ ପରା ଦିଏ ସୁଶୀତଳ
ବୁଝୁନି ଏହି ମଣିଷ ।।

ସ୍ୱାର୍ଥ ପାଇଁ ଆଜି ମାନବ ସମାଜ
ବଣଜଙ୍ଗଲ କାଟଇ
ତାହାର ପ୍ରଭାବ ଚାରିଆଡ଼େ ପଡ଼େ
ନିଜେ ମଣିଷ ଭୋଗଇ ।।

ପଶୁପକ୍ଷୀଙ୍କର ବୃକ୍ଷ ପରା ଆଶ୍ରା
ପଥିକକୁ ଆଶ୍ରା ଦିଏ
ପ୍ରକୃତିକୁ ବୃକ୍ଷ ରଖେ ପରା ସ୍ଥିର
ଜାଣି ରଖିବା ସଭିଏଁ ।।

ଆଜିଠାରୁ ଆମେ ହେବା ସଚେତନ
କରିବା ବୃକ୍ଷରୋପଣ
ଜୀବଜଗତକୁ ସାହାଯ୍ୟ କରିଲେ
ପାଇବ ସେ ପରିତ୍ରାଣ ।।

କୁସୁପୁର, ଗୋପ,
ପୁରୀ

# ତପ୍ତ ବଇଶାଖ

ଜ୍ୟୋସ୍ନା ପଟ୍ଟନାୟକ

ନିୟତି ନିୟମେ ବନ୍ଧା ଏ ଜଗତ
ସାଧ ନାହିଁ ସୁର ନରେ
ଦିବାନିଶି ଅବା ଋତୁର ଚଳନ
ସବୁ ପ୍ରକୃତିର କରେ।

ଗ୍ରୀଷ୍ମଋତୁ ଆସେ ବସୁନ୍ଧରା ବୁକେ
ମଧୁ ବସନ୍ତର ଶେଷେ
ଆଦ୍ୟ ଋତୁରୂପେ ନିଦାଘ ପରଶେ
ରବିକର ପରକାଶେ।

ତପ୍ତ ବଇଶାଖ ଆସିଛି ଦର୍ପେ
ଅହନିଶି ବହେ ଝାଞ୍ଜି
ନିଦାଘ ପରଶେ ବିଚଳିତ ପ୍ରାଣ
ଶରୀର ଉତାପେ ଭାଜି।

ଖାଦ୍ୟପେୟଠାରୁ ବେଶ ପୋଷାକରେ
ସବୁଠି ଖରାର ଛାପ
ରୁଚି ଅରୁଚିରେ ବଦଳିଯାଇଛି
ଧରଣୀ ଶୀତଳ ରୂପ।

ମଧୁର ରସାଳ ପଣସ ସପୁରୀ
ତରଭୁଜ ରୁଚିସମ
ନିଆଳି କେତକୀ, ନବମଲ୍ଲୀ କଢ଼ୀ
ସୁବାସ ଚନ୍ଦନେ ମନ।

ବିଷୁବ ସଂକ୍ରାନ୍ତି, ଅକ୍ଷୟ ତୃତୀୟା
ସାବିତ୍ରୀ ଶୀତଳଷଷ୍ଠୀ
ଚନ୍ଦନ ଯାତ୍ରା ଅଶୋକ ଅଷ୍ଟମୀ
ସଭି ପାଳନ୍ତି ଏକାଠି।

ଋତୁ ସରିଆସେ ନିଦାଘ ଶେଷରେ
ରଜପର୍ବ ଆବାହନେ
ଧରା ସୁଶୀତଳ ସବୁଜ ଶ୍ୟାମଳ
ଆଷାଢ଼ ପହିଲେ ଦିନେ।

ମଧୁସୁଦନ ନଗର,
ଖୋର୍ଦ୍ଧା



# ନିଦାଘ

**ନଳିନୀ ପ୍ରଭା ଦାସ**

ବଇଶାଖ ଛାତି ଚିରି
ଗ୍ରୀଷମ ଆସଇ ମାଡ଼ି
ଫେରିଯାଏ ବସନ୍ତର ବାଆ
ଡହ ଡହ ଖରା ତାତି
ଅସହ୍ୟ ଧରାରେ ଅତି
ଶୁଭୁ ନାଇଁ କୋକିଳର ରା..ଆ
ଜୀବନ ସଂଗୀତ ଗା..ଆ
ଋତୁଚକ୍ରେ ଆବର୍ତ୍ତନେ
ପ୍ରକୃତିର ବିବର୍ତ୍ତନେ
ନିଦାଘ ଯନ୍ତ୍ରଣା ସହିଥାଆ।

ଜୀବନଟା ଅସ୍ତବ୍ୟସ୍ତ
ଜଉଘରେ ଜୀବନ ତ
କାମ ଥିଲେ ବାହାରକୁ ଯାଆ...
କାଖରେ ଖଣ୍ଡିଏ ଛତା
ମୁଣ୍ଡରେ ଓଦା ଗାମୁଛା
ହାତେ ପାଣି ପାତ୍ର ଧରି ଥାଆ...
ଝାଞ୍ଜିରେ ବାହାରେ ନ ଯା'
ଲାଗିଲେ ଦେହକୁ ଥକ୍କା
ଦେଖି ବସ ଥଣ୍ଡା ଜାଗା
ଅଂଶୁଘାତୁ ପାଇଯିବୁ ରକ୍ଷା।

ଆମ୍ବ ଡାଳେ ଆମ୍ବ ଝୁଲେ
ରସାଳ ସପୁରୀ ଫୁଲେ
ମଧୁର ପଣସ ଫଳ ଖାଆ....
ତରଭୁଜ ଜାମୁକୋଳି
ଜାମୁଡୋଳ ଲିଚୁ ଚେରି
କଦଳୀ ବେଲ ପଣା ପିଉ ଥାଆ...
ବିଷୁବରେ ପଣା ଢାଳି
ସାବିତ୍ରୀରେ ପୂଜା କରି
ସୁସ୍ୱାଦୁ ଫଳ ଖାଉ ଥାଆ..।

ଜଳ ଅଂଶ ଶୁଖି ଯାଏ
ଭୂତଳରେ ହ୍ରାସ ପାଏ
ସୁରୁଜ ଉତ୍ତାପ ହୁଏ ବୃଦ୍ଧି
ନଦୀ ନାଳ ଯାଏ ଶୁଖି
ଶୁଖେ ଧରା ଯାଏ ଫାଟି
ବୃକ୍ଷ ରୋପା ନାହିଁ ଅଭିବୃଦ୍ଧି
କଳକାରଖାନା ବୃଦ୍ଧି
ପଶୁପକ୍ଷୀ ବୃକ୍ଷ ନର
ସର୍ବେ ଆଜି ହାହାକାର
ଅଗ୍ନି ପରି ଜଳୁଅଛି ପୃଥ୍ୱୀ।

ସ୍ୱହସ୍ତେ ଛେଦୁଛୁ ଜିହ୍ୱା
କିଏ ବା ହୋଇବ ସାହା
ଘନ ଘନ ହୁଏ କାଳବଇଶାଖୀ
ସୃଷ୍ଟି କର ବନ ନୂଆ
ବର୍ଷିବ ବରଷା ଧାରା
ଅକାଳେ ହେବ ନାହିଁ ମରୁଡ଼ି
ସୃଷ୍ଟି ହେବ ନାହିଁ ନାଶ
ଆହେ ଶ୍ରେଷ୍ଠ ଜୀବଗଣ
ନହୁଅ ବିନାଶ କାରଣ
ପ୍ରକୃତି ସୁରକ୍ଷା ବଳେ
ପାଇବୁ ତୁ' ଶାନ୍ତି।

ସୁଖ ସ୍ୱାଛନ୍ଦ୍ୟରେ ବଶ
ବୁଦ୍ଧି ତୋ' ହେଉଛି ନାଶ
ବିଜ୍ଞାନରେ ଅଗ୍ରଗତି କରିଛୁ ସତ
ଚନ୍ଦ୍ରରେ ଥାପିଛୁ ପାଦ
ସୁରୁଜ ହେଲୁ ନିକଟ
ହୋଇପାରିବୁ କହ ପ୍ରକୃତି ମିତ୍ର
ଲଗା ଲଗା ଗଛ ତୁ' ଲଗା
ନିଦାଘୁ ପାଇବୁ ମୁକ୍ତି
ହସିବ ଧରା ପ୍ରକୃତି
ହସିବ ସଚରାଚର ଏହି ଜଗତି ।

**କଳମପୁର,
କଳାହାଣ୍ଡି**

# ନିଦାଘ

ଅତସୀ ପ୍ରଧାନ

ନି - ନିରୋଳାରେ ବସି ଭାବେ ତୁମ କଥା
ଏତେ ତେଜ କାହିଁ ପାଇଁ
ଜଗତ ମଙ୍ଗଳ ନିମନ୍ତେ ସାଧନା
ଧରାକୁ ଆସିଛ ଧାଇଁ
ନିର୍ମମ ତୁମ ଶକ୍ତ ପ୍ରହାର
ତନୁ ମନେ ଭରେ ଖେଦ
ଗ୍ରୀଷ୍ମ ପରଶ ପ୍ରାଣ ତୃଷିତ
କେ ନଜାଣେ ତବ ଭେଦ ।।

ଦା - ଦାରୁଣ ଯନ୍ତ୍ରଣା ଲାଗେ ଗୀରିଷମ
ଶରୀର ପାଇଁ କି ଭଲ
ସାଧୁ ପ୍ରାଣୀ ହିତ ଆକୁଳ ଚାତକ
କିଏ ହେବ ତୁମ ତୁଲ
ଦାବନାଳ ପ୍ରାୟ ତେଜକୁ ବିସ୍ତାରି
ନଦୀ ନାଳ ଜଳ ନିଅ ହେ ଆବୋରି
ସଞ୍ଚିତ କର ବାଷ୍ପ ରୂପେ ନେଇ
ତୁମର ମହିମା କେ ପାରିବ କହି ।।

ଘ - ଘନୀଭୂତ କରି ସୃଷ୍ଟି କର ଘନ
ମହୀ ନିନାଦିତ ହୁଏ ଘନଘନ
ନବଘନ ତବ ନବ ସର୍ଜନା
କିଏ ବା କରିବ ତୁମର କଳନା
ଘରୁ ନପାରନ୍ତି ବାହାରି ମଧ୍ୟାହ୍ନେ
ଘର୍ଷିତ ଚନ୍ଦନ ଶାନ୍ତ କରେ ଜନେ
ଘାବରା ପଥିକ ମୃଗତୃଷ୍ଣା ଦେଖି
ଘାସ ଲତା ବୁଦା ଯାଇଥା'ନ୍ତି ଶୁଖି ।।

ରଣପୁର, ନୟାଗଡ଼

# ରୌଦ୍ର ସୋହାଗୀ

ଆରତି ମଞ୍ଜରୀ ଦାଶ



କନକ କିରଣେ ହଳଦୀ ବରଣେ
ସାଜିଦେଇ ନିଜ ଅଙ୍ଗ
ଉପଗତ ଏ ଯେ ରୌଦ୍ର ସୋହାଗୀ
ବୈଶାଖୀ ବାଳା ସାଜି ରାଜବଧୂ ବେଶ
ଲୋହିତ ଭୂଷଣେ କୋଟି ମନ କିଣେ
ଉଜ୍ଜ୍ୱଳ ତନୁ ରଙ୍ଗ
ରଜୋମୟୀ ଏ ଯେ ରୁଦ୍ରା ବିଶାଳା
ରୁଚିର ରଙ୍ଗୋଲ୍ଲାସ
ଉପଗତ ଏବେ ସାଜି ରାଜବଧୂ ବେଶ।

କୃଷ୍ଣଚୂଡ଼ା ଯେ ମଣ୍ଡିଚି ଜୁଡ଼ା
ଅଧରେ ଅଶୋକ କଳି
ଚମ୍ପକ କଳି ଅଙ୍ଗୁଳି ଆହା
ଦଶନେ ସେ ନବ ମଲ୍ଲୀ
ରୁଚିର ପାବକ ବେଶେ
ପ୍ରାଣେ ପ୍ରାଣେ ଆଜି ଦିଏ ଭରି
ସେ ତ ତେଜୋମୟ ନବୋଲ୍ଲାସ
ମୋହକ ତା' ରଙ୍ଗ ବେଶ।

ଲାକ୍ଷାମଖା ତା' ପ୍ରତି ପଦ ପାତେ
ରକ୍ତ କମଳ ଫୁଟେ
ନୟନେ ନୟନେ ଦୀପ୍ତ ପ୍ରତିଭା
ଲୋହିତ ଶୋଭା ଯେ ଛୁଟେ
ଅଙ୍ଗ ଅଙ୍ଗ ଭରି ଉକୁଟି ଉଠଇ
ଭୀଷଣ ରୁଦ୍ରୋଲ୍ଲାସ
ବିଚିତ୍ର ଏ ରଜୋବେଶ।

କିଂଶୁକ ବନେ ରୋଷଣୀ ଉଜ୍ଜ୍ୱଳ
ପରଭୃତ ଗାନେ ସ୍ତବ ତା' ମଞ୍ଜୁଳ
ଝୁଣା ଗୁଗୁଳର ଗନ୍ଧେ
ଉନ୍ମନା ଏଇ ବୈଶାଖୀ ବାଳା
ରୌଦ୍ର ସୋହାଗେ ଚଳେ
ଅଭିଷେକ ମଞ୍ଚ ପରେ
ସାଜି ରାଜରାଣୀ ବେଶ
ମୋହକ ଭରା ସେ ଅପାଙ୍ଗ ଢାଳି
ଧରାକୁ କରିବ ବଶ
ରମ୍ୟ ଏ ରଜୋବେଶ।

ଗୁରୁଜଙ୍ଗ,
ଖୋର୍ଦ୍ଧା

# ନିଷ୍ଠୁର ନିଦାଘ

ସସ୍ମିତା ବାରିକ

ନିଷ୍ଠୁର, ନିସ୍ତବ୍ଧ, ନିର୍ଦ୍ଦୟ ହୃଦୟ ନେଇ
ବସନ୍ତ ଶେଷେ ନିଦାଘ ଆସଇ ଧରାପୃଷ୍ଠକୁ ଓହ୍ଲାଇ
ବୈଶାଖ, ଜ୍ୟେଷ୍ଠ ଆଦ୍ୟ ମାସ ଦୁଇ ମିଶି
ଶ୍ରେଷ୍ଠ ଭଗିନୀ ଗ୍ରୀଷ୍ମ ରୌଦ୍ରତାପକୁ ବିକଶି
ଋତୁଚକ୍ର ପର୍ଯ୍ୟାୟର ନିୟତି ନିର୍ଦ୍ଦେଶ
ଉତ୍ତାପ ଜ୍ୱାଳାରେ ଜୀବଜଗତକୁ କରିଥାନ୍ତି ଗ୍ରାସ
ସକଳ ଶକ୍ତି ଆଧାର ଅତୁଟ ଆଶାର
ଜୀବନ ଝଡ଼ଝଞ୍ଜା ପୂର୍ଣ୍ଣ ନିଦାଘର ବିଚାର
ଧୈର୍ଯ୍ୟ, ଶକତି, ସେନେହ, ମୈତ୍ରୀ ମାନବିକତାର ଧର୍ମ
ସାହାସ ଜୁଟାଇ ନିର୍ଦ୍ଦୟ ନିଦାଘ ଭିତରେ ଭରିବା ପ୍ରେମ
ଉତ୍ତପ୍ତ ଧରାର ଦୁର୍ବାର ସନ୍ତାପ ଅଟେ ବିଶ୍ୱ ତାପାୟନ
ସ୍ୱାର୍ଥୀ ମାନବର ପରିବେଶ ଧ୍ୱଂସ ଉଚିତ ପ୍ରତିଫଳନ
ଦାରୁଣ ଦଇବ କ୍ରୁର ପରିହାସ ଦୁର୍ବାସାର ଅଭିଶାପ
ନିମିଷକେ କାହିଁ ମାଡ଼ିଆସେ ସେହି କାଳବୈଶାଖୀ ପ୍ରଭାବ
କଳାମେଘ ଧରି ଘଡ଼ଘଡ଼ି କରି ଅକାଳ ଚଡ଼କ ପରି
ଘନ ଘନ ଘନ ବିଜୁଳି ଚମକେ ଚଉଦିଗ ବିସ୍ତାରି
ଅକାଳେ ଝଡ଼ଇ ଅନେକ ଜୀବନ ଜୀବଜନ୍ତୁ ଯା'ନ୍ତି ତରି,
ଡେଙ୍ଗା ମୁଣ୍ଡେ ଠେଙ୍ଗା ସହି ଆଜି ବୃକ୍ଷ ଯାଇଛନ୍ତି ସରି

ନିର୍ଦ୍ଧୁମ, ନିର୍ଘାତ ନିଦାଘର ଜ୍ୱାଳା ଅବର୍ଣ୍ଣନୀୟ ଅଟଇ
ଶୁଷ୍କ ପୁଷ୍କରିଣୀ, କୂପ, ନଳକୂପ ଜଳକଷ୍ଟ ଆଣିଥାଇ
ଯୂଇ, ଜାଇ, ମଲ୍ଲୀ, ହେନା, କରବୀର ଓ ତରାଟ
ସୁଗନ୍ଧରାଜ, ରଜନୀଗନ୍ଧା ଧବଳ ପୁଷ୍ପଙ୍କ ଭେଟଘାଟ
ନିଦାଘ ଉତ୍ତାପେ ଆମ୍ବ, ପଣସ, ସପୁରୀ ପାଚଇ
ସାବିତ୍ରୀଙ୍କ ପତିବ୍ରତାର ସଂସ୍କୃତି ସ୍ମୃତି ଉଜ୍ଜୀବିତ ହୁଅଇ
ନିଦାଘ କରଇ ଓଡିଆ ନବବର୍ଷ ସ୍ୱାଗତ
ମହାବିଷୁବ ସଂକ୍ରାନ୍ତି, ହନୁମାନ ଜୟନ୍ତୀର ମହତ
ଆମ୍ରବୃକ୍ଷେ କୋକିଳର ତାନ ଜନପ୍ରାଣ ମୋହେ
ଝିଙ୍କାରୀର ଝିଁ ଝିଁ ସ୍ୱର ପ୍ରଚଣ୍ଡ ରୌଦ୍ରତାପ ଦହେ
ଅଂଶୁଘାତ ଭୟେ ଘରୁ ନ ବାହାରନ୍ତି ଜନେ
ବିନା ଛତା, ଜୋତା, ପାଣି, ପଗଡ଼ି ସାଥେ
ଦଣ୍ଡନାଚ ପୁରପଲ୍ଲୀବାସୀ ମନେ ଭକ୍ତିଭାବନା ଆଣେ
କୃଚ୍ଛ୍ରସାଧନା ଭାଇଚାରାଭାବ ଓଡ଼ିଆ ସଂସ୍କୃତି ମଣେ
ନିଦାଘ ଶେଷେ ଧରାପୃଷ୍ଠେ ବର୍ଷାରାଣୀ କରେ ଆଗମନ
ତୃଷ୍ଣା ମେଣ୍ଟାଇ ମଉନ ଧରଣୀ ସନ୍ତାପ କରନ୍ତି ମୋଚନ
ସଚେତନ ହୁଅ ସର୍ବେ ହେ ଜଗତବାସୀ
ବୃକ୍ଷରୋପଣ ଧର୍ମକୁ ଆଚର ହିତ ମନାସୀ

ବୋଲଗଡ଼,
ଖୋର୍ଦ୍ଧା

# ନିଦାଘ

ବିଶ୍ୱନାଥ କର

ଫଗୁଣର ଶିରିଶିରି ମିଠାମିଠା ମଳୟ
ବଉଳ ଫୁଲର ବାସ
କ୍ଲାନ୍ତ ଏବେ ନିଦାଘ ଝାଞ୍ଜିରେ
ସ୍ୱପ୍ନ ସବୁ ଅବଶ ଅନାଥ
ଗ୍ରୀଷ୍ମର ଡହଡହ ତାତିରେ
ଜଳୁଛି ମାଟିରୁ ଆକାଶ।

ଆଦ୍ୟ ନିଦାଘର ଝାମ୍ପୁ ନିଆଁର ପାଉଁଶ
ଠିକଣା ହଜାଏ ରକ୍ତଜବାର ପାଖୁଡ଼ା
କୋଇଲିର ଫୁଲଗୀତ
କାଳ ବୈଶାଖୀର ଝଡ଼ରେ ଉଡ଼େ
ହାତ ମୁଠାରେ ସାଇତା ବସନ୍ତ
ନିଦାରୁଣ ନିଦାଘର ସିଝା ଉତ୍ତାପରେ
ଜଳୁଛି ବୈଶାଖର ସଞ୍ଜ ଓ ସକାଳ।

ନିଦାଘ ଆସେ
ନିଦାଘର ଫୁଟନ୍ତା ନିଃଶ୍ୱାସରେ
ଏ ସହର ଜଳେ ତତଲା କଡ଼େଇରେ
ପ୍ରଚଣ୍ଡ କାଳବୈଶାଖୀରେ
ଗୀତଗାଏ ଇଗଲ୍
ଫଗୁଣର କବର ଉପରେ।

ନିଆଁର ଧାପ ଟିକେ କମିଗଲେ ଅତିକ୍ରାନ୍ତ ସଞ୍ଜରେ
ମଲ୍ଲିଫୁଲର ବାସ୍ନାରେ ଚହଟେ ଦିଗ ଦିଗନ୍ତ
ଝାଇଁ ମରା ଖରା ଟିକେ ନଇଁଛି କି ନାହିଁ
ଶୀତଳ ଜ୍ୟୋସ୍ନାର ପୁଞ୍ଜେ ଶୀତଳାଏ ଛାତି ଓ ମନ।

ପୁଣି ଘୁରେ ସମୟର ଚକ୍ର
ଋତୁ ପରେ ଋତୁ
ବର୍ଷା ଶୀତ ଫଗୁଣର
ଶ୍ୟାମଳ ପଲ୍ଲବ ରମ୍ୟ ଉପବନ ହସନ୍ତ ବସନ୍ତ।

ତୁଳସୀପୁର,
କଟକ

# କରିବା ବୃକ୍ଷରୋପଣ

**ଜୟଶ୍ରୀ ପଟ୍ଟନାୟକ**



ବଢ଼ିଲାଣି ତାତି ଜାଗେ ମନେ ଭୀତି
ସତେ ବଞ୍ଚିବ ଜୀବନ !
ଗ୍ରହରାଜ ତୁମେ ହୋଇଲେ ଉତ୍ତପ୍ତ
ଜଗତ ଯେ ଜୀବହୀନ ||୦||

ଅଂଶୁ ତେଜ ଏବେ କରୁଛି ଅବଶ
ଛଟପଟ ହୁଏ ପ୍ରାଣ
ସ୍ୱାର୍ଥୀ ମଣିଷ ଯେ ବୁଝେନା ଏ କଥା
କରେ ପାଦପ ଛେଦନ
ସେଥିପାଇଁ ପରା ହୁଏନି ଧରାରେ
ପରିବେଶ ସନ୍ତୁଳନ ||୧||

ପ୍ରଚଣ୍ଡ ତାପ ସହି ନପାରି
ମଣିଷ ପାଏ ଅଂଶୁଘାତ ସଜା
ତଥାପି ନିଜକୁ ଭାବେ ଚକ୍ରବର୍ତ୍ତୀ
ଭୂମଣ୍ଡଳର ସେ ରାଜା
ସବୁଜ ପୃଥିବୀ ଥିଲେ ସିନା ସାଥେ
ପାଇବାରେ ଅମ୍ଳଜାନ ||୨||

ପୁଷ୍ପିତ କରିବା ଧରାକୁ ଆମର
ନିଦାଘ କଷ୍ଟ ଦୂରେଇ
କାଟିବାନି ବୃକ୍ଷ ଧରାକୁ
କରିବା ସବୁଜ ସୁନ୍ଦର ମହୀ
ଗାଁଠୁ ସହର ରାଜରାସ୍ତା କଡେ
କରିବା ବୃକ୍ଷ ରୋପଣ ||୩||

**ଗଙ୍ଗନଗର,**
**ଭୁବନେଶ୍ୱର**

# ଧାରାକୁ ଆସୁଛି ଖରା

ନରୋତ୍ତମ ବେହେରା

ସରିଲା ବସନ୍ତ ଶୀତ ହେଲା ଅନ୍ତ
ନାହିଁ ବରଷାର ପାଗ
କ୍ଷେତେ ନାହିଁ ଚାଷ ନିର୍ମଳ ଆକାଶ
ଚାଷୀକୁ ଲାଗୁନି ବାଗ ॥

ଧୀର କରି ଗତି ବଢାଇ ତପତି
ଧରାକୁ ଆସୁଛି ଖରା
ଏବେ ଲାଗେ ଭଲ କିନ୍ତୁ କଲବଲ
ଆଗକୁ ହୋଇବ ଧରା ॥

ନ ହେବାରୁ ବର୍ଷା ଅନେକ ଦୁର୍ଦ୍ଦଶା
ଭୋଗିବେ ମହୀମଣ୍ଡଳେ
କଲା ଭଳି କୋପ ଖରାର ପ୍ରକୋପ
ବଢିଯିବ କାଳବଳେ ॥

ସୁଖିଯିବ ସର ନଈ ନାଳ ଝର
ମରିଯିବେ ଜଳଚର
ଗଛ ଲତା ଘାସ ହୋଇବେ ବିନାଶ
ପଶୁପକ୍ଷୀ ଥରହର ॥

ବାହାରିଲେ ଝାଳ ଲାଗେ ଅସମ୍ଭାଳ
ଘିମିରି ଗ୍ରାସେ ଶରୀର
କଲେ ଆତଯାତ ହେବ ଅଂଶୁଘାତ
ପ୍ରାଣ ହୋଇବ ଅଧୀର ॥

ମନ ହେବ ଫିକା ଦେଖି ମରୀଚିକା
ପଛେ ତା'ର ଧାଇଁଧାଇଁ
ଚତୁର ମଣିଷ ଭାବୁଅଛ କିସ
ବଞ୍ଚିବା ବୁଦ୍ଧି ଖଟାଇ ॥

କର୍ମଜୀବୀ ନର କାଢିବ ପୟର
ସକାଳେ ବା ଅପରାହ୍ନେ
ଛତା ଜୋତା ପାଣି ସାଥେ ନେବ ଜାଣି
ରହିବ ଘରେ ମଧ୍ୟାହ୍ନେ ॥

ପଖାଳ ରୋରାଣି ସରବତ ପାଣି
ପଣା କାଞ୍ଜି ଆଖୁରସ
ଏସବୁକୁ ନର କରିଲେ ଆଦର
ଖରା ହୋଇବ ସରସ ॥

ଖରା ପାଇଁ ପରା ବର୍ଷା ପାଏ ଧାରା
ଖରା ଏଣୁ ଉପକାରୀ
ହୋଇ ସଚେତନ ଅମୂଲ୍ୟ ଜୀବନ
କଦାପି ନ ଦେବା ହାରି ॥

ପ୍ରକୃତି ସମ୍ବଳ ଖରାକୁ ସକଳ
ସ୍ୱାଗତ କରିବା ଆସ
ଶୀତ ବର୍ଷା ପରି ଖରା ଅପସରି
ଯିବ ରହି କିଛି ମାସ ॥

ସରକାରୀ ଉ ପ୍ରା ବିଦ୍ୟାଳୟ,
ପାଣିକୋଇଲି



# ନିଦାଘ

**ବାସନ୍ତୀ ଦାସ**

ନିର୍ମେଘ ଆକାଶେ ନିଶାଚର ଭଳି ହଟଚମଟ ଯେ କରେ
ଶାନ୍ତିପ୍ରିୟ ଏଇ ଜୀବଜଗତକୁ ଜଳେଇ ଜଳେଇ ମାରେ
ଶୁଖିଯାଏ ତଣ୍ଟି ଫିଟିଯାଏ ଗଣ୍ଠି ଯମଦ୍ୱାର ଯାଏ ଖୋଲି
ଟିକେ ଅସତର୍କ ହୋଇଲେ ମଣିଷ ଜୀବନଟା ଯିବ ଚାଲି।

ଝଲମଲ କରେ ମରିଚୀକା ଯେତେ ସାରା ଜଗତଟା ଦେଖ
ସତେକି ଗିଳିବ ଜୀବ ଜଗତକୁ ମେଲାଇ ବସିଛି ମୁଖ
କିଏ କହେ ତା'କୁ ବଇଶାଖି ପୁଣି କିଏ ଡହଡହ ତାତି
ଗୃହାଙ୍ଗନେ ବନ୍ଦୀ ମଣିଷ ସରବେ ସହି ବାକୁ ନାହିଁ ଛାତି!

ଲହଲହ ଜିହ୍ୱା ଦିନ ଦ୍ୱିପହରେ ବାହାରକୁ ଗଲେ ଡର
ଶୀତଳତା ପାଇଁ ସଜାଡି ରଖିଛି ଚାରିଆଡେ ତା'ର ଜଳ
ଛାଇ ଦେଖି ଟିକେ ରାହା ଖୋଜେ ଜୀବ ପାଟିରୁ ଗଳୁଛି ଲାଳ
ଶୁଖିଗଲେ ଜଳ ଶରୀର ମଧ୍ୟରୁ ଡାକିନେବ ପାଶେ କାଳ।

ଛକାପଞ୍ଝା ଖେଳେ ମାନବ ସମାଜ ଯାହାକୁ ଏବେ ତ ଡରି
"ନିଦାଘ" କହନ୍ତି ଆମରି ଭାଷାରେ ଆମେ ତା'ର ସୃଷ୍ଟିକାରୀ।

**ଭୀମଟାଙ୍ଗୀ,**
**ଭୁବନେଶ୍ୱର**

# ନିଦାଘ

**ଡକ୍ଟର ରଜତ କୁମାର ଷଡ଼ଙ୍ଗୀ**

ତାତିର ଧୋତି ପିନ୍ଧି ସୂର୍ଯ୍ୟ
ଏବେ ଏବେ ପ୍ରାତଃଭ୍ରମଣରେ
ତତଲା ବାଲିରେ
ପତ୍ରଝଡା ଗଛ ଆଡୁଆଳରେ
ଝରୁଥାଏ ମୁହଁରୁ ବେଜାଏ
ଖର ପବନ ଦଲକାଏ ॥

ଖୋଲା ଦେହରେ ଚାଷୀ ମୁଣ୍ଡ ଝାଳ
ନିଗିଡ଼ି ତା'କୁ ଗାଧୋଉ ଥାଏ
କାଳିଆ କଷରାଙ୍କ ମୁହଁ ଫେଣରେ
ଆଁ କରିଥିବା ମାଟି ବି ଝଲସେ
ଝଲସୁଥାଏ ସୂର୍ଯ୍ୟ ଚାଷୀର ପିଠିରେ ॥

ମଧ୍ୟାହ୍ନ ଧସେଇ ପଶୁଥାଏ
ଅବେଳରେ ଝାଞ୍ଜିବୋଳା ବଗିଚାରେ
ଫୁଲପତ୍ର ସବୁ ଝାଉଁଳା ମୁହଁରୁ
ଝରଉଥା'ନ୍ତି ଅସହାୟତାର ଅଶ୍ୱସ୍ତି
ଚାରିଆଡ ଶୁନଶାନ୍ ଖୋଳପାରେ ॥

ଫେରୁଥାଏ ସଂଧ୍ୟା ମୁଣ୍ଡ ପୋତି
ଅସହ୍ୟ ଯନ୍ତ୍ରଣାର ଗୁଳୁଗୁଳି ଓଢଣୀ ଦେଇ
ବଜାରରେ ଆକାଶର ଖୋଲା ଛାତ ତଳେ
ବସିଥିବା ପରିବାବାଲାର ପସରାରେ
କର୍ମକ୍ଲାନ୍ତ ଘର୍ମାକ୍ତ ଶ୍ରମିକ
ଅଣ୍ଡାଳୁଥିବା ଅଣ୍ଟି ପଇସାମୁଣିରେ
ତେଜରାତି ଦୋକାନର ବାରଣ୍ଡାରେ ॥

ନିଦାଘ ବାଘପରି ଲମ୍ଫ ମାରୁଥାଏ
ଦିନ ରାତିର ଦୁଇ ଧାର ଡେଇଁ
ନିଜ ତେଜର ପରିଚୟ ଦେଉଥାଏ ॥

ବୋରିଗୁମ୍ମା,
କୋରାପୁଟ

# ନିଦାଘ

ଆରାଧନା ଦାଶ



ନିଦାଘର ଜ୍ୱାଳା ଦେଉଅଛି ଦୁଃଖ
ଅସହ୍ୟ ହେଲାଣି ଖରା,
ଆକାଶରୁ ନିଆଁ ବରଷେ ସତେକି
ଜାଳି ଦେବ ଏହି ଧରା।

ବଣେ ପଶୁପକ୍ଷୀ ଆତୁର ହେଲେଣି
କାହିଁ ନାହିଁ ଟିକେ ଜଳ,
ବନାଗ୍ନି ଦେଉଛି ଅନେକ ଯାତନା
ବନ୍ୟପ୍ରାଣୀଙ୍କର କାଳ।

ଚଷା ଭାଇ ମୁଣ୍ଡେ ଚଡକ ପଡିଛି
ବାରିଦର ନାହିଁ ଦେଖା,
ବିଲବାଡ଼ି ଫାଟି ଆଁ କରିଲାଣି
ନଦୀନାଳ ସବୁ ସୁଖା।

ପଥିକ ପଥରେ ଛାଇ ପାଉନାହିଁ
ଗଛଯାକ କଟା ହୁଏ,
ପ୍ରଶସ୍ତିକରଣ ହେଉଅଛି ରାସ୍ତା
ସଭ୍ୟତା ବିକାଶ ଇଏ।

ପ୍ରକୃତିର କଥା କିଏ ବା ବୁଝୁଛି
ନିଜ ସୁଖେ ସର୍ବ ମତି,
ଗଛକଟା ସଙ୍ଗେ କଳକାରଖାନା
ଗାଡ଼ି ମଟରର ଗତି।

ବାୟୁ ପ୍ରଦୂଷଣ ବଢ଼ାଉଛି ଦୁଃଖ
ସୂର୍ଯ୍ୟତାପ ହୁଏ ଖର,
ନିଦାଘ କଷଣ ଦିନୁ ଦିନ ବଢେ
ସହିବାକୁ ନାହିଁ ତର।

ଯେତେ ଦୁଃଖ ଦେଉ ନିଦାଘ ଆଣଇ
ବାରିଦକୁ ପୁଣି ଡାକି,
ନିଦାଘଟା ଯେବେ ନଥା'ନ୍ତା ଧରାରେ
ବର୍ଷା ଆଉ ଆସନ୍ତା କି!

ଦୁଃଖ ନଥିଲେ ସୁଖକୁ କିଏସେ
ପାରନ୍ତା କି ଅନୁଭବି,
ନିଦାଘର ବିନା ବରଷା କି କେବେ
ଭିଜାନ୍ତା ଏହି ପୃଥିବୀ।

**ରାଜ୍ୟ ପୁରସ୍କାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ**
**ସାମନ୍ତ ସିଂହାର କେଳୁ ଚରଣ ଉଚ୍ଚ ବିଦ୍ୟାଳୟ**

# ଉତ୍ତପ୍ତ ପୃଥିବୀ

ସାରଙ୍ଗଧର ଷଡ଼ଙ୍ଗୀ

ପ୍ରଚଣ୍ଡ ନିଦାଘ
ସାରା ବିଶ୍ୱ ହନ୍ତସନ୍ତ
ବୁନ୍ଦାଏ ଜଳ ଲାଗି
ଖେଳି ଯାଉଛି ଆତଙ୍କ
ଶୁଷ୍କ ହୁଏ ଗଛଲତା ଶୁଷ୍କ ନଦୀନାଳ
ଅଂଶୁଘାତ ଆକ୍ରମଣରେ ଚାଲିଯାଉଛି ଜୀବନ
ଥଣ୍ଡା ଜଳ ମୁନ୍ଦାଏ ମିଳିଗଲେ
ପିଣ୍ଡରେ ପଶିଯାଏ ପ୍ରାଣ।

ନିଜର ଅସ୍ତିତ୍ୱ ଜାହିର କରିବା ପାଇଁ
ବିଶ୍ୱ ଶାନ୍ତିର ବାର୍ତ୍ତାକୁ କେହି କରନ୍ତିନି କର୍ଣ୍ଣପାତ
ଆଜିର ମଣିଷ ଯନ୍ତ୍ର ମାନବ ସାଜି
ହରେଇ ସାରିଛି ମୌଳିକତା
ଅମ୍ଳଜାନ ଅଭାବରୁ ଅକାଳରେ
ଝଡ଼ିପଡୁଛି ନିରୀହ ଜୀବନ
କଂକ୍ରିଟ ଜଙ୍ଗଲ ନିଶା ସଭିଙ୍କୁ ଘାରିଛି
କ୍ଷେତବାଡି କଥା ମନରୁ ଲିଭିଛି
ଚାଲ ସମସ୍ତେ ଶପଥ ନେବା
ମାଟି ହାଣ୍ଡି ଚାଳ ଘର ନଳ କୂଅ
ହଳ ଲଙ୍ଗଳ ସଂସ୍କୃତିକୁ ଫେରିଯିବା
ପୃଥିବୀକୁ ଶସ୍ୟ ଶ୍ୟାମଳା କରିବା
ସମୟକୁ ବଦଳେଇ ଦେବା।

# ନିଦାଘ

## ନିରଞ୍ଜନ ସାହୁ

ସରିଲେ ବସନ୍ତ କରେ ହନ୍ତସନ୍ତ
ନିଦାଘ ସମୟ ଆସି
ସେଦିନର ସୂର୍ଯ୍ୟ ଏଦିନେ ଡରାଏ
ତେଜରାଶି ପରକାଶି।

ନିଦାଘ ସମୟ ବଇଶାଖ, ଜ୍ୟେଷ୍ଠ
ଦୁଇମାସ ଧରି ରହେ
ଗରମ ସହିତ ଗୁଳୁଗୁଳି କଥା
ଝିଙ୍କାରି କାନରେ କହେ
କାଳବଇଶାଖୀ ତାଣ୍ଡବ ରଚଇ
ନିମିଷକେ ସୃଷ୍ଟି ନାଶି।

ଅଂଶୁଘାତ ଭୟ ଏକାଳେ ରହଇ
ସତର୍କ ରହିବ ଜାଣ
ଖରାବେଳେ ଯଦି ପଦାକୁ ବାହାର
ସ୍ୱାସ୍ଥ୍ୟ ଚିନ୍ତା ମନେ ଆଣ
ଛତା, ଜୋତା, କଳାଚଷମା, ଗାମୁଛା
ବୋତଲରେ ଜଳରାଶି।

ଧଳାରଙ୍ଗ ସୂତା ପୋଷାକ ପିନ୍ଧିବ
ଗରମ ନ ହେବ ବେଶୀ
ଶୀତତାପ ନିୟନ୍ତ୍ରିତ ଯନ୍ତ୍ର ସାଥେ
ବିଞ୍ଚଣାଟି ଖାଣ୍ଟି ଦେଶୀ
କୁଲର, ପଙ୍ଖାକୁ ବ୍ୟବହାର କର
ପିଉଥା' ତୋରାଣି ବାସି।

ଶୀତଳ ଜଳରେ ସିନାନ କରିବ
ଚନ୍ଦନ ଲେପିବ ଦେହେ
ଘୋଳଦହି, ଓ.ଆର.ଏସ, ସରବତ
ପିଇବାକୁ ମନେ ରହେ
ଖରାକୁ ନ ଡରି ଚାଷକାମେ ଲିପ୍ତ
ସଦା ରହିଥାଏ ଚାଷୀ।

ପଣା ସଙ୍କରାନ୍ତି, ଅକ୍ଷୟ ତୃତୀୟା
ଚନ୍ଦନପୂର୍ଣ୍ଣିମା ପଡେ
ତିନି ଦିନ ଧରି ରଜ ମଉଜରେ
ଗଛ ଡାଳେ ଦୋଳି ଉଡ଼େ
ନିଦାଘ ଆଣଇ ବରଷାକୁ ଡାକି
ମଧୁର ବଚନ ଭାଷି।

ନିହଲ ପ୍ରସାଦ, ଗଁଦିଆ ପାଟଣା
ଢେଙ୍କାନାଳ



# ନିଦାଘ

ସତ୍ୟନାରାୟଣ ମଲ୍ଲିକ

ତୁମ ଶୂନ୍ୟତାରେ ନିଦାଘ ନିଆଁରେ
ପୋଡି ଯାଏ ମୋ'ର ଓଠ,
ଦେହ ମନ ଜଳେ ତୁମରି ଛୁଆଁରେ
କେମିତି ଏ ପ୍ରେମ ପାଠ।

ତୁମରି ସ୍ମୃତିର ଫୁଲ ପାଖୁଡାରୁ
ହଜି ଗଲାଣି ତ ରଙ୍ଗ,
ତୁମ ବାଟ ଚାହିଁ ଆଖିରୁ ଝରୁଛି
ଲୁହର ଶ୍ରାବଣ ମେଘ।

ଏ ପ୍ରେମ ଏମିତି ବାଟରେ ଝୁଣ୍ଟୁଛି
ନାହିଁ ତୁମରି ସରାଗ,
ନିତି ମୁଁ ମରୁଛି ତୁମରି ପାଇଁକି
ତୁମେ ଯେ ପ୍ରେମ ନିଦାଘ।

ଭଲ ପାଏ ବୋଲି ସବୁ ଭୂଲିଯାଏ
ଏମିତି ପ୍ରେମିକ ଟିଏ,
ନିଦାଘର ନିଆଁ ଜାଳୁଛି ଜାଳିବ
ପାଉଁଶ ମୁଁ ହେବା ଯାଏ।

ତୁରିନ୍ତିରା, ବାଲିପାଟଣା,
ଖୋର୍ଦ୍ଧା

# ନିଦାଘ



ପ୍ରସନ୍ନ ମଣ୍ଡଳ

ଅତୃପ୍ତ ମୃତ୍ତିକା
ମୃତକଳ୍ପ ଟିକା
ବିଷୁବ ଅନଳ ଖେଦ
ମିଥ୍ୟା ମୃଗତୃଷ୍ଣା
ତୃଷାର୍ତ୍ତ ବେଦନା
ବିବର୍ତ୍ତନ ବିଶ୍ୱଭେଦ।

ନିଦାଘ ଉଦନ୍ତ
ନିନାଦିତ ମନ୍ତ୍ର
ପଥପ୍ରାନ୍ତ କ୍ଲାନ୍ତ ତନୁ
ଅବାରିତ ତପ୍ତ
ଅଦ୍ଭୁତ ବଳୟ
ଅଶାନ୍ତ ଉତ୍ତପ୍ତ ଭାନୁ।

ଶୁଷ୍କ ବିଶ୍ୱମ୍ଭରା
ନିଃସୃତ ବିଷାଦ
ଅତୃପ୍ତ ଅଟବୀ ବକ୍ଷ
ନିଃସ୍ୱ ବିସମ୍ବାଦ
ବିଭାଜିତ ଶୂନ୍ୟ
ସମ୍ଭୂତ ଅମ୍ବୁଦ ଅକ୍ଷ।

ବିରାଜିତ କ୍ଷେତ
ବିଭକ୍ତ ଯାତନା
ତୃଷାର୍ତ୍ତ ଶକୁନ୍ତ ଗୀତି
ମର୍ତ୍ତ୍ୟ ଉଦ୍ଭାଷିତ
ମନୁଜ ନିଶାନ୍ତ
ଶୀତଳ ଅନିଳ ଇତି।

କୋଟପଲ୍ଲୀ, ସିମୋର,
ଖୋର୍ଦ୍ଧା

# କୃଷ୍ଣଚୂଡା

ରତ୍ନପ୍ରଭା ବାଇ

ଖଇଫୁଟା ଖରା ଧାସରେ ଏ ଧରା ବୁକୁ ଯାଏ ଫାଟିଫାଟି
ଏ ଖରାରେ ଭିଜି କୃଷ୍ଣଚୂଡା ହସେ ଶାଖାରେ ଶାଖାରେ ଫୁଟି।
ନିରିମାଖି ଭାବି ନିରିମମ ହୋଇ ନିଦାଘ ଛାଟୁଚି ନିଆଁ
ଆନମନା ହୋଇ ନିରବେ ଲେଖୁଚି ସେ ପ୍ରୀତିର ପଣକିଆ।

ଡହକ ଖରାକୁ ଖାତିର ନକରି ପତ୍ରଝଡା ଗଛେ ବସି
ଦଗ୍ଧ ହୋଇ ବି ମୁଗ୍ଧ କରୁଛି ନାଲିନାଲି ଓଠେ ହସି।
ଜାଣିଛି ଏ ଋତୁ ଅପସରି ଯିବ ମଉସୁମୀ ଆଗମନେ
ନିଦାଘ ଶୋଇବ ନିଘୋଡ ନିଦରେ ଭସା ବଉଦ ଚୁମ୍ବନେ।

କୁଆଁରୀ ମେଘର ଚପଳ ଛନ୍ଦରେ ଚପଳା ଚମକି ଯିବ
ଚଗଲା ପବନ ବରଷା ବଧୂର ଓଢଣୀ ଉଡେଇ ନେବ।
ଆକାଶ ମାଟିରେ ସଜଳ ପ୍ରେମରେ ରଚିବ ଶତ ଶୃଙ୍ଗାର
ମିଳନ ବିଭୋରେ ମନ୍ଦ୍ର ମଧୁରେ ଗାଇ ସେ ମେଘ ମହ୍ଲାର।

ଆଦ୍ୟ ଆଷାଢର ଅଗଣାରେ ବସି ପ୍ରକୃତି ଆଙ୍କିବ ଛବି
ଶ୍ୟାମଳ ଶାଖାରେ ଶିହରଣ ଖେଳି ଫଟା ଦାଗ ଯିବ ଲିଭି।।

ସଂପାଦିକା, ବର୍ଣ୍ଣାଳୀ ସାହିତ୍ୟ ସଂସଦ,
ତାଳଚେର ଟାଉନ, ଅନୁଗୋଳ

# ବଇଶାଖ ଲାଗେ ଏକ ମନଭୁଲା ଗୀତ

ଡ. ସୁଚିତ୍ରା ରଥ

ଦେଉଳିଆ ଭାତହାଣ୍ଡି ବାମ୍ଫ
ଛ'ଠା ନ' ଭଜା ସାଜ ଭିତରେ
ରୋଷଘର ଗୁଳୁଗୁଳି
ଶୋଷୁଥାଏ ଯେତେଯେତେ
ମା' ଦେହରୁ ପାଣି
ସେତେସେତେ ତୋଫା ଲାଗୁଥାଏ
ତା' ଭାଗ ତୃପ୍ତିର ତୋରାଣି।

ଝିଅ ଲାଗି ଯିବ
ଅକ୍ଷିତୃତୀୟାର ଭାର
ଖଇ, ପୁଆ, ଫଳମୂଳ
ଘଡି ପଥୁଲିର ରଙ୍ଗରେ ରଙ୍ଗା
ଦିଶନ୍ତି ବାପା
ଅଭାବର ବୈଶାଖୀ ଝଡ
ତଣ୍ଟିରେ ଅଟକ ରଖି
ଝାଳପୋଛା ଗାମୁଛା ପରି
ତଥାପି ସେ ନାତିଶୀତୋଷ୍ଣ
ପ୍ରଶାନ୍ତ ହରଷ ଖରାବେଳ
ନିମଫୁଲ ପରି ହସହସ ।

ଓଃ! କେତେ ଖରା କହି
ଚଷାପୁଅ ବିଲ ଫେଇ
ଭୁଲେ ନାହିଁ ଅକ୍ଷି ମୁଠି ଧାନ
ମାଟିର ଆହ୍ୱାନ
ଭୁଲେନା ଓଡ଼ିଆ ପୁଅ
ଚାଞ୍ଚର ଚାମର ତଳେ
ତୃଷିତ ତରୁର ମୂଳେ
ଦେବା ପାଇଁ ଘଡି ପୂର୍ଣ୍ଣ
ଜଳ ପଣା ଦାନ!

ଜୀବନ୍ତ ଠାକୁର ଯହିଁ
ଚାପକୁ ବିଜୟ ହୋଇ
ଶୋହିଥା'ନ୍ତି ଚନ୍ଦନ ଚର୍ଚ୍ଚିତେ
ସେବେ କି ଭକତ ପାଦେ
ଖଇଫୁଟା ତାତି ଭେଦେ
ବିହ୍ୱଳ ବିଭୋରପଣେ
ପ୍ରୀତି ଅପ୍ରମିତେ!

କୃଷ୍ଣଚୂଡା ରଙ୍ଗ ଯେବେ
ହୃଦୟେ ଜଡେଇଯାଏ
ଅରତୁରେ ରତୁ ବାସେ
ମଳୟ ମଳୟ
ଧୁ ଧୁ ଖରାବେଳେ
ଉଡୁଥା'ନ୍ତି ଛତାତଳେ
ପ୍ରଜାପତି ହଳେ
ପ୍ରେମର ତାତିଠୁ ବଳି
ନିଦାଘ କି ନିଆଁଝରା
ପ୍ରେମ ନଈ ଚିରକାଳ
ଆବେଗ ଆପ୍ଳୁତ
ବଇଶାଖ ଲାଗେ
ସେବେ ଏକ ମନଭୁଲା ଗୀତ॥

ପୁରୀ

# ଖରା

**ଆଲୋକ ପ୍ରଧାନ**

ଖରା ଗୋଟେ ମଧ୍ୟାନ୍ତର ଫଗୁଣରୁ ଶ୍ରାବଣ ସୀମାରେ
ସିଏ ପୁଣି ମଧ୍ୟସ୍ୱର୍ଗ ଚମ୍ପାଠାରୁ କଦମ୍ବ ପେଛିରେ,
ଖରା ଗୋଟେ ମଧ୍ୟବର୍ତ୍ତୀ ଚରିତ୍ରଟେ ଚଇତାଳି ମେଳେ
ନିଖୋଜ ସମୟମେଳେ ମାଳେ ଆଣ୍ଠ ସହଜେ ମଉଳେ।

ମହଳଣ ଛାଇ ଦେହେ ମଝାମଝି ଆଲୁଅର ମେଳା
ଆବେଗ ସରୁ କଟୀରେ ଖରା ଗୋଟେ ବେଗର ମେଖଳା,
ନିଆଁ ନେଇ ନିଆଁ ଖୋଲି ସର୍ଜନାର ସ୍ୱାଗତିକା ଗାଇ
ତା' ତୂଳୀର ଚିତ୍ରଛାୟା ଚିତ୍ରବନେ ନିଜକୁ ସଜେଇ।

ସଜ ହୋଇ ସାଜୁଥାଏ ସଜାପରି ଅସହଜ ଲାଗେ
ଦୁଃଖ-ସୁଖ, ଭଲ-ମନ୍ଦ, ଅନ୍ଧାରରୁ ଆଲୁଅର ଦିଗେ,
ଏପାଖେ ସେପାଖେ ଛାଇ ମଝିଟାରେ ଖରାର ସହର
ଖରଡା ଖରାଛାଇରେ ତାତି ଲାଗେ ପୁରା ଯାଯାବର।

ଆକାଶରେ ଖରା ଥାଉ ଖରା ଲାଗୁ ଆକାଶ ଆକାଶ,
ଋତୁ ଆସୁ ଋତୁ ଯାଉ ଖରା ବାସୁ ଖରାଟିଆ ବାସ।

ବାଲିଗୁଆଳି,
ପୁରୀ



# ନିଦାଘ

## ହାସ୍ୟମୟୀ ରାଜ୍

ଡହ ଡହ ଝାଞ୍ଜି ପବନରେ
ସିଝୁଥାଏ ଦେହ ଆଉ ମନ
ତପ୍ତ ନିଦାଘରେ ପାଣି ପାଇଁ
ଉହଳ ବିକଳ ହୁଏ ପ୍ରାଣ
ହୃଦୟ ବି ଖୋଜେ ଟିକେ
ଲେପିବାକୁ ଶୀତଳ ଚନ୍ଦନ.....

ଶୁଭେନି ଆମ୍ରକୁଞ୍ଜରେ
କୋକିଳର କୁହୁ କୁହୁ ତାନ
ହଳଦୀ ବସନ୍ତ ହସେନି ଆଉ
ଜଳୁଥାଏ ଅଦୂରରେ
ଶ୍ୟାମଳ ଅରଣ୍ୟ
ସେଇ ହୁତ୍ ହୁତ୍ ନିଆଁ ଧାପ
ଛୁଇଁଯାଏ ଦେହରେ
ଜୀବନର ଗୀତ ଆଉ
ଗାଇ ହୁଏନା ସୁରରେ......

କେବେ ଆସେ ଘୂର୍ଣ୍ଣିଝଡ
ନଷ୍ଟ ଭ୍ରଷ୍ଟ କରିଦିଏ
ଯେତେ ସବୁ ସାଇତା ସପନ
ନିଦାଘ ପାଲଟିଯାଏ
କେବେ କେବେ
ଅତୀବ ନିଷ୍ଠୁର
ଲୁଟିନିଏ କେତେ କେତେ
ନିରିହ ଜୀବନ ......

ସେ ଦିଏ ପୁଣି ଜୀବନକୁ
ଯନ୍ତ୍ରଣା ସହ ଯୁଝିବାକୁ ଶକ୍ତି
ଶିଖେଇ ଦିଏ
ଅବିଚଳିତ ହେବାକୁ ହେବ କେମିତି
ନିର୍ଦ୍ଦୟ ହୁଏ ଯଦି ପ୍ରୀତିମୟ ପ୍ରକୃତି
କହିଦିଏ କାନରେ ହାର ନାହିଁ ବନ୍ଧୁ
ସୁଖ ସହ ଦୁଃଖ ତ ଥାଏ
ହୋଇ ଚିରକାଳ ସାଥୀ......

ନିଦାଘ ବି ଉପହାର ଦିଏ
ମଲ୍ଲୀ ଫୁଲର ବାସ
ମନ୍ତ୍ରମୁଗ୍ଧ କରୁଥିବା
ରଙ୍ଗଭରା ପଳାସ
ଛତୁଆ ସହ ବେଲ ପଣା
ଯିଏ ମେଣ୍ଟାଉଥାଏ
ପଥିକର ସୀମା ହୀନ ଶୋଷ......

ବଦଳୁଥାଏ ଋତୁ ପରେ ଋତୁ
କେବେ ଭିଜା ଭିଜା ବର୍ଷା
କେବେ ଥର ଥର ଶୀତ
କେବେ ନିଷ୍ଠୁର ରୌଦ୍ରର ପ୍ରକୋପ
ବଦଳୁଥାଏ ବି ଜୀବନର ପାର୍ଶ୍ୱ
କେବେ ଆନନ୍ଦ
କେବେ ବିଷାଦ
ନିଦାଘ ନଥିଲେ
ଚାଖି ହୁଏକି ବର୍ଷାର ସ୍ୱାଦ!!

ଓରାଳି, ହାଟଡିହି,
କେନ୍ଦୁଝର

# ନିଦାଘ



**ସୁକାନ୍ତି ମିଶ୍ର**

ଝରି ଝରି ଯାଏ ଝରା ବଉଳରେ
କୋଇଲିର ମିଠାକୁହୁ
ଲୁଚିଯାଏ କାହିଁ ହଳଦୀବସନ୍ତ
ଗୀତଟିଏ ଗାଉଗାଉ
କୃଷ୍ଣଚୂଡାର କଅଁଳ ଓଠରେ
ଅଳତାର ରଙ୍ଗ ମାଖି
ତୁମେ ଆସ ଯେବେ ନୁଖୁରା ମାଟିର
ସୂଚୀପତ୍ରଟିଏ ଲେଖି ....(୦)

ବିଧୂରା କପୋତୀ ଲୁହ ପୋଛିଦିଏ
ଶିମିଳି ଶାଖାକୁ ମେଲି
ଦି'ପହର ଆସେ ମୁକୁଳା ଆଖିରେ
ନିଦର କଜଳ ବୋଳି
ଖରା ଲେଖୁଥାଏ ମେଘର ଠିକଣା
ହାତେ ଧରି ଅକ୍ଷିମୁଠି
ତୁମେ ଆସ ଯେବେ ନୁଖୁରା ମାଟିର
ସୂଚୀପତ୍ରଟିଏ ଲେଖି...(୧)

ତୁମ ଚିଠି ବୁଲି ବାଣ୍ଟେ ବଇଶାଖ
ମଲ୍ଲୀ ଅତରକୁ ଗୋଳି
ଦକ୍ଷିଣା ପବନ କାଗଜଫୁଲର
ନୂପୁରରେ ବାନ୍ଧେ ଦୋଳି
ତୁମ ଅନୁରାଗେ ସଞ୍ଜ ନଈକୂଳ
ଆଖିଠାରି ନିଏ ଡାକି
ତୁମେ ଆସ ଯେବେ ନୁଖୁରା ମାଟିର
ସୂଚୀପତ୍ରଟିଏ ଲେଖି....(୨)

**"ସମ୍ପର୍କ"**
**ସାରସ୍ୱତ ନଗର, ସିଦ୍ଧମହାବୀର,**
**ପୁରୀ**



# ନିଦାଘ ଗୋ ତମେ

**ବାବାଜୀ ଚରଣ ଜେନା**

ନିଦାଘ ଗୋ ତମେ ଜଳାଉଛ ଏତେ
ସହି ଯାହା ହେଉ ନାହିଁ
ତତଲା ବାଲିରେ ଚାଲୁ ଅଛି ଏକା
ତମେ କିବା ବୁଝ ନାହିଁ,,,,।୦।

ବେଳେବେଳେ ଶବ୍ଦ ହଜି ଯାଉ ଅଛି
ଖୋଜିଲେ ବି ମିଳୁନାହିଁ
ବଳି ଗଲାଣି ତ ଜୀବନ ଯନ୍ତ୍ରଣା
ସବୁ ସୀମାରେଖା ଡେଇଁ
ପାଦ ତଳୁ ମାଟି ଖସି ଖସି ଯାଏ
କହି କିଛି ହେଉ ନାହିଁ
ଭରସା ପାଉନି କାହାକୁ ତ ଏଠି
ବୟସର ବୋଝ ବୋହି,,,,,।୧।

ଶୋଇବାର ଯିଏ ଅଭିନୟ କରେ
ଶେଜ ପରେ ପଡ଼ି ରହି
ଏ ହାତ ବୁଝେନା ସେ ହାତ ର ବ୍ୟଥା
ତାକୁ କେ କହିବ ଯାଇଁ
ସମୟର ଚିତ୍ର ଆଙ୍କିବି କେତେ ମୁଁ
ଆକାଶକୁ ଚାହିଁ ରହି
ନବୁଝିବ ଯଦି ମନର ବେଦନା
କହି ତାକୁ ଲାଭ ନାହିଁ,,,,,।୨।

ଅହଲ୍ୟା ନିବାସ, ପୋପରଡା
ନୂଆବଜାର, କଟକ



# ନିଦାଘ ଓ ବିରହ

**ଦିବାକର ନାୟକ**

ନିଦାଘରେ ଜଳେ ବନ ଉପବନ
ବିରହରେ ମନ ଜଳେ
ନିଦାଘର ସିନା ଇତି ଅଛି ହେଲେ
ବିରହ ମୋ ସବୁବେଳେ (୦)

ଖରାରେ ମଉଳା ସବୁଜ ପତର
ମୁରୁକି ହସଇ ସଂଜେ
ହେଲେ ଅହରହ ତୁମ ବାଟ ଚାହିଁ
ଆଶା ମୋ ଲୁହରେ ଭିଜେ

ନିଦାଘଠୁ ବେଶୀ ତୁମେ ନିଦାରୁଣ
ଜାଣିଲି ମୁଁ ଅବହେଳେ (୧)

ନିଦାଘ ବି ଏଠି ଫେରିଗଲା ବେଳେ
ବରଷାକୁ ଯାଏ ଦେଇ
ଫେରିଗଲ ତୁମେ ପ୍ରତାରଣା କରି
ଚାତକୀ ମୁଁ ଅଛି ଚାହିଁ

ମୋ ପ୍ରେମ ତଟିନୀ ପହଞ୍ଚି ପାରୁନି
ତୁମରି ସାଗର କୂଳେ (୨)

ପାଟପୁର, କନିସି,
ଗଞ୍ଜାମ



# ଗ୍ରୀଷ୍ମ ସନ୍ଦେଶ

**କମଳିନୀ ମଲ୍ଲିକ**

ପ୍ରିୟତମ,
ଆଜିକାଲି ତୁମ ସହରରେ
କାଳେ ପ୍ରଚଣ୍ଡ ଖରା ଭୀଷଣ ଗରମ
ଯନ୍ତ୍ରଣା ଓ ଜଞ୍ଜାଳରେ ତ
ଛଟପଟ ତୁମ ସହରୀ ଜୀବନ
ସେଠି ପରା ଅମ୍ଳଜାନଠାରୁ
ବେଶୀ ଭାଗ ଅଙ୍ଗାରକାମ୍ଳ
କେମିତି ସହୁଥିବ କେଜାଣି
ଏ ବଇଶାଖୀ ବିଷମ ॥

ତୁମ ସହରରେ
ନାହିଁ ପାଣି ନାହିଁ ପବନ
ନାହିଁ ଛାତି ତଳ ସ୍ପନ୍ଦନ
ନାହିଁ ନିଦୁଆ ଆଖିର ସପନ
ରାସ୍ତାକଡ଼ କୃଷ୍ଣଚୂଡ଼ାର
ଗାଢ଼ ରଙ୍ଗର ଇସାରାରେ
ଥାଏ କି ଜୀବନ ଜିଇଁବାର
ଆଞ୍ଜୁଳାଏ ପ୍ରେମ ନିବେଦନ ॥

ଥରେ ତ ମୁକୁଳି ଆସ
କୁହୁଳୁଥିବା ସେ
କଂକ୍ରିଟ ଚଟାଣର ଫୁଙ୍ଗୁଳା ଛାତିରୁ
ଇତିହାସ ପାଲଟିଛି ସିନା
ତୁମ ପ୍ରିୟାର ପରିଚିତ ଗାଁ
ଅତୀତ ପ୍ରୀତିରୁ
ତଥାପି ଲିଭିନି ତୁମ ନାଁ
ଶ୍ରାବଣୀର ବତୁରା ସ୍ମୃତିରୁ ॥

ଏବେ ବି ସେମିତି ଅଛି
ଗହଳିଆ ଆମ୍ବତୋଟାମାଳ
ଦେହ ଶିତଳେଇବା ପାଇଁ
ବହଳ ଛାଇ ତଳ
ଅଛି ସେଇ ଛଳଛଳ ନଈକୂଳ
ଜହ୍ନରାତିର କୁହୁକିନୀ ଖେଳ
ଏବେ ବି ଖୋଲା ଘାସ ପଡ଼ିଆରେ
ପାରା ଯୋଡିଏ ଚଞ୍ଚୁ ଘଷନ୍ତି
ପତ୍ର ଗହଳର ସବୁଜ ଶେଯରେ
କୋଇଲିମାନେ କୁହୁରେ
ଆନମନା କରାନ୍ତି ॥

ଏଠି ଚଇତାଳିର ଦୁଷ୍ଟାମୀ ଛୁଆଁ
ପୋଛି ଦେବ ତୁମ ଅବଶ ଦେହରୁ
ଯେତେ ଅବସୋସ, ଅଭିମାନ
ଏଠି ନିଦାଘ ବି ନିଦାରୁଣ ନୁହେଁ
ଭାରୀ ଦେହସୁହା, ଭାରୀ ନରମ
ଥରେ ହେଲେ ଦେଖିଯାଅ
କେମିତି ସରସ,ସତେଜ ଅଛି
ତୁମେ ଅଧା ଲେଖି ଯାଇଥିବା
ଆମ ପ୍ରେମ ସହ ନାମ
ଆଉ ଯେତେ ବଦନାମ
ଗ୍ରୀଷ୍ମ ଅବକାଶ ପାଇଁ
ଏବେ ବି ଅପେକ୍ଷାରେ ଅଛି
ମିଳନର ସେଇ ନିଘଞ୍ଚ କାନନ ॥

ଭୁବନେଶ୍ୱର



# ରୁକ୍ଷ ତାପସ

ରମେଶ ଚନ୍ଦ୍ର ମିଶ୍ର

ନିଦାଘ ତୁମର ଉଗ୍ର ସାଧନା
ରୁକ୍ଷ ତାପସ ବେଶ
ଦର୍ଶନେ ମୋର ଆତ୍ମଚେତନା
ଦୁଆରେ ଖେଳଇ ହଂସ ॥

କିଏ କହେ ତୁମେ ବେଦନାଦାୟକ
ପ୍ରଚଣ୍ଡ ଅଗ୍ନିମୟ
ଉତ୍ଥାନମନ୍ତ୍ର ତୁମରି କଣ୍ଠେ
ତୁମେ ସଖା, ପ୍ରୀତିମୟ ॥

ତୁମ ଆବାହନେ କୋକିଳ କଣ୍ଠେ
ପ୍ରେମର ପୂରବୀ ଶୁଭେ
ତରୁଲତା ଦେହେ ନବୀନ ପତ୍ର
କୁରେହିଁ, ପଳାଶ ଶୋଭେ ॥

ଆମ୍ର, ପଣସ, ବିଲ୍ୱ ଓ ଜାମୁ
ପକ୍ୱଫଳ ଉପହାର
ଭେଟି ସମର୍ପିତ ଦ୍ରବ୍ୟରେ ତୁମେ
କର ନର ଉପଚାର ॥

ସକଳ ଶକ୍ତି ଆଧାର ସୂର୍ଯ୍ୟ
ତୁମ ଅନୁରୋଧ ପାଇ
ଭଗ୍ନୀ ଧରଣୀ ସମୀପବର୍ତ୍ତୀ
ହୁଅନ୍ତି କୁଶଳ ଧାୟି॥

ନାରିକେଳ ଭଳି ବାହାରକୁ ତୁମେ
କଠୋର ରୁକ୍ଷ ସିନା
ଅନ୍ତରେ ତୁମ ସ୍ନିଗ୍ଧ ଶୀତଳ
ଛନ୍ଦମୟୀ ଝରଣା ॥

ନିଦାଘ ତୁମେ ହିଁ ଆତ୍ମପ୍ରତ୍ୟୟ
ନୀରବ ମଉନ ଭାଷ
ସୁଖପ୍ରାପ୍ତିର ଅନ୍ତରାଳରେ
ଥାଏ କଷ୍ଟର ତ୍ରାସ ॥

**ତାପସ କୁଟୀର, ବଇଣ୍ଡା,**
**ଅନୁଗୋଳ**



# ବେଦାଗ

ପ୍ରଜ୍ଞା ମହାନ୍ତି

ମନକୁ ଆତୁର କରି
ଦୂରୁ ଆଉ ଶୁଭୁନାହିଁ କୁହୁ
ପାକଳ ପଳାଶ ପଡ଼େ ଫିକା
ପାଟଳ କରି କୃଷ୍ଣଚୂଡ଼ା
ମୁକ୍ତ କୃପାଣ ପରି
ଝଲସି ଉଠୁଛି କିଏ
କାହା ଭୟେ ବାହୁଡ଼ା ବସନ୍ତ ସହ
ପିହୁ ଆଉ କରୁନାହିଁ ଦେଖା !
କଷ୍ଟର ଚିତ୍ରପଟ୍ଟ ଦେଖି
ତତଲା ବେଳଟାରେ
ଘୁମଘୁମ୍ ଘୁମୁରୁଛି ପାରା
ନିଜ ରାସ୍ତା ନିଜେ ଗଢ଼ି
ବିନା ଡକରାରେ ଆସେ
କିଏ ତା'କୁ ନ ଦିଅନ୍ତି ଧରା।
ସେ କିନ୍ତୁ ପିତା ପରି ହିତକାରୀ
ସର୍ଜନା ପୂର୍ବରୁ କରେ
ଉତ୍ତାପେ ମାର୍ଜନା
ମାଟିକୁ କରେ କର୍ମକ୍ଷମ
ଯୁଝିବାକୁ ଜୀବନ ଜନ୍ତ୍ରଣା।
କଷ୍ଟଦେଇ ରିଷ୍ଟ ହରେ
ଅବାଟକୁ କରେ ବାଟ
ଘର୍ମାକ୍ତ ପୃଥିବୀ ମନେ
ବର୍ଷା ପାଇଁ ଭରେ ସେ ସରାଗ
ହେ ନିଦାଘ...
ଯିଏ ଯାହା କହୁ
କାଳ ପରି ତୁ' ବି ବେଦାଗ।

ମାତୃ ନୀଳୟ, ବୁଢ଼ାରଜା,
ସମ୍ବଲପୁର

# ନିଦାଘ

**ଜୟନ୍ତୀ ସ୍ୱାଇଁ**



ଫଗୁଣର ଅନ୍ତେ ଚଇତ୍ର ଆସିଛି
ଏହି ଯେ ଗ୍ରୀଷମ କାଳରେ...
ଦାଉଦାଉ ହେଇ ଜଳୁଛି ଜଗତ
ଅସହ୍ୟ ଗ୍ରୀଷମ ଫଳରେ... ॥

ଇଚ୍ଛା ହୁଏ ଖାଲି ପଡ଼ି ରହିବାକୁ
ନଦୀ ପୁଷ୍କରିଣୀ ଜଳରେ...
ପଶୁ ଜୀବଜନ୍ତୁ ଜଳଟୋପେ ପାଇଁ
ପଡ଼ିଥା'ନ୍ତି ନଦୀ ନାଳରେ... ॥

ପକ୍ଷୀମାନେ ଖାଲି ଡହଳ ବିକଳ
ଥୁଣ୍ଟା ବରଗଛ ଡାଳରେ...
ଗଛଲତା ସବୁ ଝାଉଁଳି ପଡ଼ନ୍ତି
ତା' ମୂଳରେ ପାଣି ଢାଳରେ.. ॥

ଋତୁ ପରେ ଋତୁ ଆସିବ ଫେରିବ
ତା'ର ସେ ସଠିକ ବେଳରେ...
ସବୁ ସମୟକୁ ଉପଭୋଗ କର
ଏ ତ ସମୟର ଖେଳରେ.... ॥

ବରାଙ୍ଗ, ଅସ୍ତରଙ୍ଗ,
ପୁରୀ

# ଗ୍ରୀଷ୍ମର ଗଜଲ

ବିନୀତା ପ୍ରଧାନ

ବୈଶାଖର ଏଇ ନିଦାଘ ବେଳାରେ ଆକାଶରୁ ନିଆଁ ଝରେ
ଖଣ୍ଡିଆ ଭୁତର ବଳୟରେ ରୌଦ୍ର ସପନର ଝୁଣା ମାରେ ॥

ବିଷୁବ ବୃତ୍ତରୁ ସୂରୁଜ ବଢାଏ ଉତ୍ତପ୍ତ ଲମ୍ବା ହାତ
ଦ୍ୱିପହର ଝାଞ୍ଜିମରା ଖରା ଖୋଜେ ମୁନ୍ଦେ ପେଜ ଆଉ ଭାତ ॥

ଡହଡହ ଖରା ସାଥିରେ ପଳାଶ କରେ ପ୍ରୀତି ସମ୍ଭାଷଣ
ରାତିର ସାଥୀ ଏ ମଲ୍ଲି ଫୁଲ ଏବେ କରିଅଛି ଅଭିମାନ ॥

କୃଷ୍ଣଚୂଡ଼ାର କୋମଳ ପାଖୁଡ଼ା ଗ୍ରୀଷ୍ମର ଅଭିସାରେ
ଭରା ଭରା ରଙ୍ଗେ ରଙ୍ଗେଇ ହୁଏ ଆହା କେଡ଼େ ପୁଲକରେ ॥

ରୌଦ୍ର ରୁକ୍ଷତା ବୃକ୍ଷ ଦେହରେ ଲେଖେ ପୂର୍ଣ୍ଣତା ସ୍ୱାକ୍ଷର
ପାଚିଲା ଫଳରେ ରସ ଭରିଦିଏ ବହେ ଅମୃତ ଝର ॥

ଶୁଷ୍କ ମାଟିର ଫଟା କପାଳକୁ ନିଇତି ଆଉଁସୁ ଥାଏ
ନିଦାଘର ଶେଷେ ଶୀତଳ ପରଶେ ମାଟି ତା'କୁ ଚୁମିଯାଏ ॥

ଶୁଖିଲା ନଈ ତା' ପୋଡ଼ା ଭାଗ୍ୟକୁ କହୁଥାଏ ନିନ୍ଦି ନିତି
ଜ୍ୟେଷ୍ଠ ଗୋ... ତୁମେ ଦେହର ଜ୍ୱଳନ କରିଦିଅ ଏବେ ଇତି ॥

ସଦସ୍ୟା, ତ୍ରିଧାରା ସାହିତ୍ୟ ସଂସଦ,
ବଇଣ୍ଡା, ଅନୁଗୋଳ

# ନିଦାଘ

ସୁନନ୍ଦା ମହାନ୍ତି



ଅନ୍ୱେଷଣ ନାହିଁ ଦରକାର
ନିମନ୍ତ୍ରଣ ବିନା ସେ ଆସେ
ସବୁ ଋତୁଠୁ ନିଆରା ଖାସ୍ ପଣରେ
ଭାରି ଡହଳ ବିକଳ ଲାଗେ ଆସିଲେ
ପିଠି ବେକ ଛାତି ଓଠ ଜଳେ
ଦୀପ ପରି ନୁହେଁ ଶୀତ ଧୂନି ପରି
କରେ ଏତେ ସରି ଅଂଶୁଘାତେ ମରି
ତା'ଠାରୁ ଭଲ ଛତା ପାଣି ବୋତଲେ ଭରି
ଚାଲିବାକୁ ମୁଣ୍ଡେ ଓଦା ଗାମୁଛା ପାରି
ଶୈଶବରେ ନଥିଲା ଏମିତି ଗ୍ରୀଷ୍ମ
ଯଦିଓ ଥିଲା ଅସରା ଉଷ୍ମ
ଏବେ କିଆଁ ଲାଗେ ପିତାମହ ଭୀଷ୍ମ
ତାଙ୍କ ପରି ପ୍ରତିଜ୍ଞା ଶର ଶଯ୍ୟାରେ ନିଶ୍ଚୟ
ଅନ୍ୟ ଓ ନିଜର ଥାପି ଅବୟବ
ଜାଣିବ ଭେଲରୁ ଭଲ ନା ଭଲରୁ ଭେଲ
ତଥାପି ଫୁଟେ ମଲ୍ଲୀ ଛୁଟେ ବାସ୍ନା ଭଲ
ପୋଖରୀ ଗାଡ଼ିଆ ନଈ ଶୁଖିଯାଏ କାଇଁ
କଇଁ କାନ୍ଦେ କଇଁ କଇଁ ଆକାଶେ ଜଳେ ସୂର୍ଯ୍ୟ
ଚନ୍ଦ୍ର ନଥା'ନ୍ତି କାହିଁ ଶୀତଳ ସାମ୍ରାଜ୍ୟ ମୌର୍ଯ୍ୟ
ଗ୍ରୀଷ୍ମ ନିଜେ ଜଳି ଅନ୍ୟକୁ ଜଳାଏ କାହିଁକି
ଜଗନ୍ନାଥ ଚାପ ଖେଳି ନରେନ୍ଦ୍ର ଯାଇକି
ଦେହ ଧୁଅନ୍ତି ନା ମନ?
ମଣିଷ ଗ୍ରୀଷ୍ମରେ ସହି ରୌଦ୍ରଙ୍କ ଦହନ
ଆତୁରେ ଲଗାଏ ଗଛ ସବୁଜ ବନାନୀ
ନଥିବ ଭୟ ହେବନି ଆଉ ସୁନାମୀ
ରଖ ଦୀନବନ୍ଧୁ ଜଗନ୍ନାଥ
ତୁମ୍ଭେ ଭାବଗ୍ରାହୀ ଛାର ଏ ମନୁଷ୍ୟ ମାତ୍ର
ଗ୍ରୀଷ୍ମର ନିଦାଘ ବାଘ ପଛଘୁଞ୍ଚା ପାତ୍ର

**ସାକ୍ଷୀଗୋପାଳ,**
**ପୁରୀ**

# ନିଦାଘ ପ୍ରତି

**ସୁଲୋଚନା ସ୍ୱାଇଁ**



ଦାରୁଣ ନିଦାଘ ଘେନ ନିବେଦନ
ହୁଅନା ନିଷ୍ଠୁର ଏତେ...
ଉତ୍ତପ୍ତ ଏ ଧରା ସନ୍ତପ୍ତ ଧରଣୀ
ପୀଡ଼ାପା'ନ୍ତି ଅଂଶୁଘାତେ.. ||
ଚଇତାଳି କେଣେ ହୋଇଲା ଉଭାନ
ସବିତାଙ୍କ କୋପ ଦେଖି
ଗ୍ରୀଷ୍ମ ଲହରୀର ତୀବ୍ର ଯନ୍ତ୍ରଣାରେ
ପ୍ରାଣୀ ଜଗତଟା ଦୁଃଖୀ... ||
ବୃକ୍ଷଲତା ସବୁ ଝାଉଁଳି ଗଲେଣି
ସହିଣ ଅସହ୍ୟ ତାତି...
ଦଶଟା ବେଳକୁ ରାସ୍ତା ଶୂନଶାନ
ପଥଚାରୀ ମନେ ଭୀତି.. ||
ଗାଡ଼ିଆ ପୋଖରୀ ଶୁଖିଯାଏ ସିନା
କମିଯାଏ ଜଳସ୍ତର...
ସରକାରୀ ପାଣି ପଥ ଚାହିଁ ଚାହିଁ
ହୁଅନ୍ତି ଜନେ ଆତୁର.. ||

ବୈଶାଖର ଖରା ମାଡି ଆସୁଅଛି
ଭାବିଲେ ଲାଗୁଛି ଭୟ...
ଏଭଳି ଉତ୍ତପେ ଶୀତତାପ ଯନ୍ତ୍ର
ଅଚଳ ହୋଇବା ଥୟ... ||
ଜୀବଜଗତର ଦୁରାବସ୍ଥା ଦେଖି
ଅଥୟ ହେଉଛି ମନ..
ଭକ୍ତି ଭାବେ ମୁହିଁ କରୁଅଛି ଅଳି
ତୁଷ୍ଟ ହୁଅ ଅଂଶୁମାନ.. ||
ଅଗ୍ନିକଣା ସମ ଉତ୍ତାପର ସ୍ରୋତ
ବୁହାଇ ଦିଅନା ଆଉ..
ଶୀତଳ ପରଶ ପାଇଣ ତୁମର
ଜୀବଜଗତଟା ରହୁ... ||

**ବରାଙ୍ଗ, ଅସ୍ତରଙ୍ଗ,
ପୁରୀ**

# ନିଦାଘ



**ସଂଯୁକ୍ତା ମହାପାତ୍ର**

ଫଗୁଣର ଫଲଗୁ ପରେ
ଚୈତ୍ରର ଚଇତାଳିକୁ ବିଦାୟ ଦେଇ
ନିଦାଘ ଆସେ ଧରାପୃଷ୍ଠକୁ ଅବତରି
ବୈଶାଖର ବୈଶାଖି ସହ
ଜ୍ୟେଷ୍ଠର ରୌଦ୍ରତାପ
ସାଥେ ନେଇ ନିଦାଘ ଆସେ
କୃଷ୍ଣଚୂଡ଼ାର ଫୁଲଧରି।

ଜୀବଠାରୁ ତରୁତୃଣ ଯାଏଁ
ଉଷ୍ଣତାର ପରଶରେ
ସଭିଏ ହୋଇଥା'ନ୍ତି ଆତୁର
ଦୂରେ ଶୁଭେ ଚାତକର ଆର୍ତ୍ତ ସ୍ୱର
ସଭିଙ୍କ ମନ ଚାହେଁ ଗଛ ଛାଇ ଆଉ ସମୀର
ଶୀତଳତାର ନଈକୂଳରେ ଧୀର ପବନ
ସାଥୀ ହୁଏ ନିସଙ୍ଗ ଜୀବନର।

ବେଳେ ବେଳେ ପୁଣି
କାଳବୈଶାଖୀର ଘୋର ନିନାଦ
ବରଷି ଯାଏ ଧରାପୃଷ୍ଠରେ
ସରବେ ହୁଅନ୍ତି ଆନନ୍ଦିତ
ମାଟିର ନିଆରା ବାସନା
ମନ ପ୍ରାଣକୁ କରେ ବିମୋହିତ।

ଆମ୍ବ, ସପୁରୀ, ତାଳ, ତରଭୁଜ
ସାଥେ ଖଜୁରୀ, ପଣସ
ମଲ୍ଲି, ମାଳତୀ, ସୁଗନ୍ଧରାଜର ବାସ
ଚୌଦିଗ ହୁଏ ସୁବାସିତ
ପଣା ସଂକ୍ରାନ୍ତିରେ ମା' ବୃନ୍ଦାବତୀଙ୍କୁ
ଲାଗି ହୁଏ ଭୋଗ ଆଉ ନୈବେଦ୍ୟ
ଜଗତର ରକ୍ଷାକାରୀ ସାଜି
ବରଷି ଦିଅନ୍ତି ଆଶିଷ।

**ଦାଣ୍ଡମୁକୁନ୍ଦପୁର, ପିପିଲି,
ପୁରୀ**

# ଦାରୁଣ ନ ହେବ ଆଉ ନିଦାଘ

ଅକ୍ଷୟ କୁମାର ସାହୁ

ବରଷକେ ବାର    ମାସରେ ଆସଇ
ଋତୁ ଛଅ ପ୍ରକାରର
ବୈଶାଖ ଜ୍ୟେଷ୍ଠ    ଦ୍ୱିମାସର ସହିତ
ଆଗମନ ନିଦାଘର ।୧।
ପବିତ୍ର ବିଷୁବ    ସଂକ୍ରାନ୍ତି ଦିନରେ
ଧରାକୁ କରେ ପ୍ରବେଶ
ମଧୁ ବସନ୍ତର    ମଧୁମୟ ଭାବ
ଅନ୍ତରୁ ହୁଏ ନିଃଶେଷ ।୨।
ଜଗତର ପାଇଁ    ତା' ତାପ ପ୍ରଭାବ
ହୋଇଥାଏ ହିତକାରୀ,
ପୃଥିବୀ ପୃଷ୍ଠରେ    ରୋଗ ଜୀବାଣୁଙ୍କ
ସାଜିଥାଏ ସେ ବଇରୀ ।୩।
କିନ୍ତୁ ତାପମାତ୍ରା    ମାତ୍ରାଧିକ ବୃଦ୍ଧି
ସଭିଙ୍କୁ ଅସହ୍ୟ ହୁଏ,
ଅଂଶୁଘାତ ପରି    ପରିସ୍ଥିତି ଆସି
କେତେ ଯେ ଜୀବନ ଯାଏ ।୪।

ସେଥିପାଇଁ ଦୋଷ    ନିଦାଘର ନାହିଁ
ଦାୟୀ ଏ ମଣିଷ ଜାତି
ଅବିଚାରେ ଆମେ    ଗଛ କାଟୁଛନ୍ତି
ପରିଣାମକୁ ନ ଚିନ୍ତି ।୫।
ମାନବଙ୍କଠାରୁ    ପଶୁପକ୍ଷୀ ଯାଏ
ସର୍ବେ ଉହଳ ବିକଳ
ତରୁତଳ ଶାନ୍ତ    ସୁଶୀତଳ ଛାୟା
ନିମନ୍ତେ ସର୍ବେ ଆକୁଳ ।୬।
ଜଗତ ନିୟନ୍ତା    ସବୁରି ଅନ୍ତରେ
ଭରନ୍ତୁ ଶୁଭ ଚିନ୍ତନ
ନିଦାଘ ପ୍ରକୋପ    ହ୍ରାସ କରିବାକୁ
କରନ୍ତୁ ବୃକ୍ଷରୋପଣ ।୭।
ଜଳବାୟୁ ଗତି    ହୋଇ ନିୟନ୍ତ୍ରିତ
ଗ୍ରୀଷ୍ମ ଯିବ ସମୟରେ
ସଭିଙ୍କୁ ଶୀତଳ    ସ୍ପର୍ଶ ଦେବା ପାଇଁ
ବର୍ଷା ବର୍ଷିବ ବେଳରେ ।୮।

ବଡଗଡ ବ୍ରିଟ କଲୋନୀ
ଭୁବନେଶ୍ୱର



# ନିଦାଘ

**ରଶ୍ମିତା ମହାରଥୀ**

ନିଦାଘ ଗ୍ରୀଷମ ଏ ପୁଣି
ବଡ ନିରିଦୟ
ଝାଞ୍ଜି ଚଇତାଳି ଯା'ର
ସାଜେ ପରିଚୟ।

ପୁନେଇ ତ ଯାଏ
ଆସେ ଅମାବାସ୍ୟା ରାତି,
ଅବଧି ତ ଟଳିଯାଏ
ନ ଟଳେ ବିପତ୍ତି।

ପହିଲି ଋତୁ ସେ ଗ୍ରୀଷମ ଆସିଲେ,
ଖରା ଆସିଥାଏ ପରା
ଖରା ତେଜରେ ଧରାରାଣୀ
ଆଉ ଦିଶିବନି ମଧୁଝରା।

ରୌଦ୍ରତାପରେ ପୁଣି
ଜନେ ହୁଅନ୍ତି ଛଟପଟ
ତୃଷ୍ଣାରେ ଅଧିରେ ବିତାନ୍ତି ପ୍ରାଣ
ଶୂନଶାନ ନଦୀ ତଟ।

ଶୁଖିଯିବ ଭୂଇଁ ଗୋରୁଗାଈ ଯେତେ
ଆଉ ପାଇବେନି ଚାରା
ଥଣ୍ଡା ପାଣି ପାଇଁ ଲୋଡ଼ା ହେବ ଏବେ
ସୁରେଇ କଳସୀ ଗରା।

ବୈଶାଖ ଝାଞ୍ଜି ଦେହେ
ହୋଇଯାଏ ବୃନ୍ଦା ଝାଉଁଳି
ମହାବିଷୁବ ସଂକ୍ରାନ୍ତିରେ ଚଉରା ମୂଳେ
ପଣାପାଣି ଠେକି ତୋଳି।

ପ୍ରେୟସୀ ଧରଣୀ ବରଷା ଋତୁକୁ
ହୃଦୁ ନିମନ୍ତ୍ରଣ କରେ
ନିଦାଘ ପାଇଁ ବରଷା ଆସେ
ଧରାରାଣୀକୁ ସବୁଜିମା ଭରେ।

**ପିପିଲି, ପୁରୀ**



# ନିଦାଘ ଓ ଜନ ସଚେତନତା

ଜିତେନ୍ଦ୍ର କୁମାର ନାୟକ

ନିଦାଘର ଅସହ୍ୟ ଗୁଳୁଗୁଳି
ଝାଞ୍ଜି ପବନ ସାଙ୍ଗକୁ
ଅସ୍ତବ୍ୟସ୍ତ ଜନଜୀବନ...
ରାସ୍ତାଘାଟ ଶୂନଶାନ ଓ
ଚତୁର୍ଦ୍ଦିଗେ ଗ୍ରୀଷ୍ମପ୍ରବାହର ପ୍ରକୋପ.....!
ତତ୍ ସହ କାଳବୈଶାଖୀର ତାଣ୍ଡବ
ସ୍ଥାନେ ସ୍ଥାନେ ହାଲୁକା ବର୍ଷା ସତ୍ତ୍ୱେ
ତାପମାତ୍ରାରେ ଅସ୍ୱାଭାବିକ ବୃଦ୍ଧି
ବଳିଗଲାଣି ରୌଦ୍ରତାପ ତଥା ଝାଞ୍ଜିମାଡ଼....!
ଏବେ ବିଶ୍ୱବ୍ୟାପୀ ପାଳିତ 'ପୃଥିବୀ ଦିବସ'ରେ
ଆଜିର ଅନୁଚିନ୍ତା...
ପୃଥିବୀବାସୀଙ୍କ ପାଇଁ ଆହ୍ୱାନ
ସୁନ୍ଦର ପରିବେଶ ସୁରକ୍ଷାରେ....
ଜନ ସଚେତନତା ସୃଷ୍ଟି ସହ
ସକାରାତ୍ମକ ଜୀବନଶୈଳୀ ଓ
ଅନୁକୂଳ ପରିବେଶ ହିଁ ଗଢ଼ି ତୋଳିବ....
ଆମ ସୁସ୍ଥ ଭବିଷ୍ୟତ ଓ ସୁସ୍ଥ ଜୀବନ
ତଥା ଆମ ପୃଥିବୀକୁ
ସୁରକ୍ଷିତ ରଖିବାରେ ଶ୍ରେଷ୍ଠ ପ୍ରୟାସ.....!

ସଂପାଦକ-ପ୍ରୀତିପଦ୍ମା,
ମହାବୀର କଲୋନୀ, ସାକ୍ଷୀଗୋପାଳ, ପୁରୀ

# ନିଷ୍ଠୁର ନିଦାଘ

ଶୁଭଶ୍ରୀ ରାଉତ

ସେଦିନ ଏଇ ଧୁ ଧୁ ଖରା ବେଳଟାରେ
ଶୁଭୁ ନଥିଲା ଗଛ ପତ୍ରର ଆବାଜ୍ କି
ନିଷ୍ଠୁର ଖରାର ନିଃଶ୍ୱାସ
ପ୍ରବଳ ତାତିରେ
ଅସହ୍ୟ ହୋଇ ଉଠୁଥିଲା ଧରଣୀ।

ପାଖେ ମୋ'ର ଥିଲ ତୁମେ
ଥିଲା ଛତା ଥିଲା ପୁଣି ଭୋକ ଆଉ ଶୋଷ
ପରସ୍ପର ଦେଖୁଥିଲେ ଆଗାମୀ କାଲିର
ଅନିଶ୍ଚିତ ଭବିଷ୍ୟତ,
ଛୋଟ ଏକ ବସା ଗଢ଼ିବାର ସ୍ୱପ୍ନ।

ବସ୍ ଆସି ଲାଗିଥିଲା
ବାରବାଟୀ ଷ୍ଟାଡିୟମ୍ ପାଖେ
ସମୟର ଚକ ଘଡ଼ି ଗଡ଼ିଥିଲା
ଆଉ ଏକ କାଲିର ଅପେକ୍ଷାରେ।

ବ୍ୟାଗରୁ ଖସିଥିଲା
ଏମ.ଏ ଓଡ଼ିଆର ଶେଷ ସିଲାବସ
ତମେ ପୁଣି ସାଉଁଟିଲ ଧରାଇ ଦେଲ
ହାତେ ମୋ'ର ମୋ' ଭବିଷ୍ୟତ
ଯେଉଁଦିନ ସ୍ଥିର ଥିଲା ତିଥି ବାର
ଆଉ ଅନୁକୂଳର ଶୁଭ ସମୟ।

ଝାପ୍ସା ଝାପ୍ସା ମନେପଡ଼େ ବହୁବାର ମନେପଡେ
କେତେ ଥର ହଜିଥିଲା ମନ ମୋ'ର
କେଉଁ ଏକ ଅନ୍ତରଙ୍ଗ ମଣିଷ ପାଖରେ।

ରକ୍ତଚାପ ମଧୁମେହ ଔଷଧ
ପାଟିକୁ ନେଉନେଉ
ଖସିପଡେ ଗିଲାସ ମୋ'ର
ତା' ଭିତରେ ଦେଖାଯାଏ
ପ୍ରତିଛବି ଆପଣାର...ଖୁବ୍ ଆପଣାର।।

ଚାରି ବାଟିଆ,
କଟକ

# ବିଷମ ଗ୍ରୀଷ୍ମରେ

ବୈଦ୍ୟନାଥ ଖିଲାର



କବିତା ହେଉ କି ଗଜଲ
ଲେଖି ଲେଖୁ ଶୁଖିଯାଉଛି
ଶବ୍ଦ ଶବ୍ଦର ସବୁଜିମା।

ତୁମ ଗହନ କେଶରୁ
ବୁନ୍ଦାଏ ତରଳ ଅଫିମ
ଭରିଥିଲି କଲମରେ
ତୁମ ପିଠି ଝାଳରୁ
ଟୋପାଏ ଅତର...
ଅଥଚ
କବିତାରେ ତୃଷ୍ଣା କାତର ଡହଡହ ମରୁଡି
ଏବଂ
ମୁଠା ମୁଠା ତୁଠ ଶିଉଳିର ଝୋଟ
ତୁମ ଲଳିତ ଝୋଟି ଚିତ୍ରରେ
ଅସରନ୍ତି ଝଡ଼ାପତ୍ରର ନିରୀହ ନିଃଶ୍ୱାସ।

ସବୁ ସ୍ପର୍ଶରେ ନିର୍ଜୀବନ
ସବୁ ଆଲିଙ୍ଗନରେ ଅଗ୍ନି
ଜଳିପୋଡି ଯିବାର ଜୀବନ
ଗୋଟାଏ ମରୁଭୂମିର ଅନିଚ୍ଛାକୃତ ହାହାକାର।

ବଂଶୀ ହେଉ କି ସାରଙ୍ଗୀ
ସବୁଥିରେ ବେଦନାର୍ତ୍ତ ସ୍ୱର
ସ୍ୱରର ଶ୍ରାବଣୀ
ଅଥଚ
ଚତୁର୍ଦ୍ଦିଗରେ ଅନିର୍ବାଣ ଅଗ୍ନିର ତାଣ୍ଡବ
ଦେହ ଦହନର ବିଧୁର ମଶାଣି
ଜୀବନ ଏଠି ଜିରୋ।

ମେଘମାନେ ଅନ୍ଧୁଣୀ
ବାଟ ପାଆନ୍ତି ନାହିଁ ମରୁଭୂମିକୁ
ଏଠି ମିଥୁନର ମଥନ ନିଷିଦ୍ଧ।

ତମ୍ବୁ ତଳୁ ବାହାରି ଆ' ସଜନୀ
ଖଜୁରୀର ବାସ୍ନାମୟୀ ରାତିର ଛାତିକୁ
ମୋ ତମ୍ବୁରାର ସ୍ୱର ମହ୍ଲାରକୁ ।

ଶଙ୍କରପୁର
ଚାରବାଟିଆ, କଟକ



# ଖରା

ପୂର୍ଣ୍ଣ ଦାସ

ଖରା ଧୁ ଧୁ ବୈଶାଖର
କୃଷ୍ଣଚୂଡ଼ା ମୁହଁ,
ଖରା ଦୁଃଖୀ ଗାମୁଛାର
ପୋଛା ଝାଳ ଲୁହ।

ଖରା ଗାଆଁ ଗୋହିରୀର
ଅଦିନିଆ ଭେଟ,
ଜହ୍ନ ଆଲୁଅରେ ଓଦା
କୁଆଁରୀର ଓଠ।

ଖରା ଦୁଷ୍ଟ ପ୍ରେମିକଟେ
ଝର୍କା ଖୋଲି ଚାହେଁ,
ତମେ ନ ଥିଲେ ବି  ତମ
ଚୁମା ମାଗୁଥାଏ।

ଖରା ହକହକ ମନ
ଚଇତର ସଞ୍ଜ,
ଖରା ମଲ୍ଲୀଫୁଲ ଜୁଡ଼ା
ପ୍ରୀତି କେଳିକୁଞ୍ଜ।

ଖରା ତମେ ଆଉ ମୁଁ
ବାଉଳା ପବନ,
ବିଷୁବର ଝାମୁଚଲା
ମାନସିକ ମନ।

କଣ୍ଢାବଣିଆ, ଛତ୍ରପଡ଼ା,
ପ୍ରୀତିପୁର, ଯାଜପୁର



# ନିଦାଘ ଛାଇ

**ଆଶୁତୋଷ ମେହେର**

ନିଦାଘର ମଜା ଖରା ଖାଇବାରେ
ମନ ଖୋଜିବୁଲେ ପାଣି
ପ୍ରେମ ଇସାରାରେ ମନ ଯେ ଘାଇଲା
ଆଖି ଭାଷା ଦିଏ ହାଣି.......||୦||

ଖରା ଟାଣପଣେ ମରୁ ବାଲି ତାତେ
ମରୁଯାତ୍ରୀ ବାଟ ବଣା
ପ୍ରେମର ଦହନ ବେଶୀ ତେଜିୟାନ
ପ୍ରେମେ ବାୟା ଆନ ମନା
ନିଦାଘ ଡେଇଁଲେ ବରଷାର ଆଶା
ଆହ୍ଲାଦ ଯେ ଦିଏ ବୁଣି......||୧||

ଜୀବନ ବି ଦେଖେ ସୁଖ ପରେ ଦୁଃଖ
ନିଦାଘର ପରାଭବ
ସହିବା ଲୋକର କପାଳେ ବିଜୟ ଟିକା
ହୁଏ ଅନୁଭବ
ପ୍ରେମ ଦରିଆରେ ଉବୁଟୁବୁ ଭାବ
ସମୟକୁ ଯାଏ ଜିଣି.........||୨||

ନିଦାଘରେ ଛାଇ ଲାଗେ ସୁଶୀଳିତ
ଆମ୍ରପତ୍ର ଘନଘଟା
ମଲ୍ଲୀଫୁଲ ବାସ ଶେଫାଳୀ ଚମକ
ପରାଣରେ ଜିତାପଟା
ଜୀବନ ନଈରେ ସମୟ ଶିଖାଏ
ବଞ୍ଚିବାର ରାହା ପୁଣି......||୩||

୫୪-ଆର୍ଯ୍ୟପଲ୍ଲୀ,
କିଟ୍ ଛକ, ପଟିଆ, ଭୁବନେଶ୍ୱର



ଡ. ପ୍ରମୋଦ ଚନ୍ଦ୍ର ଦାଶ
ମାର୍ଗଦର୍ଶକ



ନିଶିକାନ୍ତ କହଲସିଂହ
ସମ୍ପାଦକ



ସମରଜିତ୍ ପଟ୍ଟନାୟକ
ଉପଦେଷ୍ଟା



ବାବାଜୀ ଜେନା
ଉପଦେଷ୍ଟା



ବିଭୂପ୍ରସାଦ ହରିଚନ୍ଦନ
ଉପଦେଷ୍ଟା



ତ୍ରିଲୋଚନ ଦାସ
ସହଯୋଗୀ ସମ୍ପାଦକ



ଶ୍ରୀମତୀ ରଶ୍ମିତା ନାୟକ
ସହଯୋଗୀ ସମ୍ପାଦକ



ଶ୍ରୀମତୀ ବାସନ୍ତୀ ଦେଈ
ସହଯୋଗୀ ସମ୍ପାଦକ

ସୂଚନା : ଆସନ୍ତା ଜୁନ ସଂଖ୍ୟାରେ 'ଗଛ' ବିଷୟବସ୍ତୁ ଉପରେ କବିତା ସଙ୍କଳନ ପ୍ରକାଶ କରାଯିବ। ତେଣୁ ନିର୍ଦ୍ଦିଷ୍ଟ ବିଷୟଭିତ୍ତିକ କବିତା ମୋବାଇଲରେ ଟାଇପ୍ କରି ମଇ ୨୦ ତାରିଖ ସୁଦ୍ଧା ପଠାଇବାକୁ ବିନମ୍ର ଅନୁରୋଧ।